Annual Subscription Rs. 50.00 only

# ମାତୃଭବନ ପତ୍ର

## ମାସିକ ଶିକ୍ଷା ଓ ସାଧନା ପତ୍ରିକା

ଚତୁର୍ତ୍ତିଂଶ ବର୍ଷ ◆ ଷଷ୍ଠ ସଂଖ୍ୟା ◆ ନଭେମ୍ବର ୨୦୨୪

No more bonds–free, free. Always to change everything, except one thing: to aspire, this thirst.

(CWM-11/p-6) - **The Mother**


ଆଉ କୌଣସି ବନ୍ଧନ ନାହିଁ। କେବଳ ମୁକ୍ତ, ମୁକ୍ତ ହିଁ ପ୍ରୟୋଜନ। ସବୁବେଳେ ସବୁକିଛିକୁ ପରିବର୍ତ୍ତନ କରିବାକୁ ହେବ। କେବଳ ବଦଳୁ ନଥିବ ଅଭୀପ୍ସା ଏବଂ ପିପାସା।

– ଶ୍ରୀମା

**ମାତୃଭବନ**

ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩

# ୫ ଏବଂ ୯ ଡିସେମ୍ବର ୨୦୨୪



ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ୭୪ତମ ପବିତ୍ର ମହାପ୍ରୟାଣ ଦିବସ
(୫.୧୨.୨୦୨୪) ଏବଂ ମହାସମାଧି ଦିବସ (୯.୧୨.୨୦୨୪)
ଉପଲକ୍ଷେ **'ମାତୃଭବନ ପତ୍ର'**
ଓଡ଼ିଶାର ଅଗଣିତ ମାତୃସନ୍ତାନମାନଙ୍କ ସହିତ
ପରମପ୍ରଭୁଙ୍କ ଚରଣରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛି ।

*ଏବେବି ମନେପଡ଼େ.....*

# ମାମୁଁଙ୍କର ଅବର୍ତ୍ତମାନରେ

ମାମୁଁ ଗଲାପରେ ସ୍ୱାଭାବିକ ଭାବରେ ସବୁ ଖାଁ ଖାଁ ଲାଗିଲା। କୌଣସି ସଂକ୍ରାନ୍ତରେ ଥରେ ବାବାଜି ମହାରାଜ ମତେ କହିଥିଲେ, ସେ ତୁମର ମାମୁଁ ତେଣୁ ପିତା ସମାନ। ତେଣୁ ବାପାଙ୍କୁ ଯେଉଁ ଆଚରଣ କରିବା କଥା ତାଙ୍କୁ ସେଇ ଆଚରଣ କରିବ। ମାତ୍ର ଆମେ ଉପର ତଳ ଦୁଇଭାଇ ଭଳି ପୁରା ପିଲାଦିନରୁ ଏତେ ନିବିଡ଼ ଭାବରେ ବଢ଼ି ଆସିଲୁ ଯେ ବାହାରେ ସେପରି ଆଚରଣ କରିବା ମୋତେ ଅସ୍ୱାଭାବିକ ଲାଗିଲା। ଗୋଟିଏ କଥା ଯେ ମୁଁ ମୋ ନନାଙ୍କୁ (ବାପାଙ୍କୁ) ପିଲାଦିନେ ବହୁତ ଭୟ କରୁଥିଲି। କାରଣ ନନା ବହୁତ ରାଗି ଥିଲେ। ମାତ୍ର ମାମୁଁଙ୍କୁ ଡରିବାର ପ୍ରଶ୍ନ ନାହିଁ। ତେବେ ଗୋଟିଏ କଥା ସ୍ଥିର ନିଶ୍ଚିତ ଯେ ମୋ ଜୀବନର ଅନେକ କଥାରେ ମୁଁ ବାବାଜି ମହାରାଜଙ୍କଠାରୁ ପରାମର୍ଶ ନେଉଥିଲି ଏବଂ ତାଙ୍କ ପରେ କେବଳ ମାମୁଁଙ୍କ ଠାରୁ ହିଁ ପରାମର୍ଶ ନେଲି। ମାମୁଁ ମୋତେ ଯେ ସାଙ୍ଘାତିକ ଭଲ ପାଉଥିଲେ ସେ କଥା ସମସ୍ତେ ଜାଣନ୍ତି।

ମାମୁଁ ଚାଲି ଗଲେ, ଚାଲିଗଲେ ମାନେ ହଠାତ୍ ଚାଲିଗଲେ। ମୋତେ ମା'ଙ୍କ ମୁହଁ ଛଡ଼ା ଆଉ କିଛି ଦେଖାଗଲା ନାହିଁ। କାହାସଙ୍ଗେ ପରାମର୍ଶ କରିବି- କିଏ ଆଉ "ତୋର କିଛି ହେବ ନାହିଁ" ବୋଲି ଆଶ୍ୱାସନା ଦେବ- ମୁଁ କିଛି ବୁଝିପାରିଲି ନାହିଁ। କୌଣସି ମିଟିଂରେ କିଛି କହିବାକୁ ଥିଲେ, ତାଙ୍କୁ ଯେତେବେଳେ ପଚାରିବି, କ'ଣ କହିବି ବୋଲି, ସେ ସାଙ୍ଗେ ସାଙ୍ଗେ କହିବେ "ତୁ ମାଇକ୍ ଆଗରେ ଠିଆ ହୋଇଗଲେ ବଳେ ଯାହା କହିବାର କଥା କହିବୁ।" ତାଙ୍କର ଅସ୍ଥି ବିସର୍ଜନ ଦିନ ସମୁଦ୍ର କୂଳରେ ପାଦତଳୁ ମାଟି ଖସିଯିବାର ଅନୁଭବ ହୋଇଥିଲା। ତାହା ବେଶୀରୁ ବେଶୀ ସତ ଲାଗିଲା ପୁଣି ନିଜକୁ ବୁଝାଇଲି, ଯିଏ ମୋତେ ଏତେ ଆଶ୍ୱାସନା ଦେଉଥିଲେ, ତାଙ୍କ ପାଇଁ ପୁଣି ଏତେ ହତାଶ, ବିଷାଦ, ... ନାଁ, ତାଙ୍କୁ ଅପମାନ ହେବ। ଭିତରୁ ଭୀଷଣ ଦ୍ୱନ୍ଦ୍ୱ ଆସିଲା। ତା'ରି ଭିତରେ କୌଣସି ଗୋଟିଏ ସ୍ଥାନରେ ଏକ ମିଟିଂକୁ ଯିବାକୁ ହେଲା। ସେଠାରେ ମାଶ୍ରୀଅରବିନ୍ଦଙ୍କ ଫଟୋତଳେ ମାମୁଁଙ୍କ ଫଟୋ ସଜା ହୋଇଥାଏ, ଅଫିସ୍ ରୁମରେ ମୋତେ ଜଳଖିଆ ଖାଇବାକୁ ଡାକିଲେ। ସେଠାରେ ମଧ୍ୟ ମାମୁଁଙ୍କ ଫଟୋ କାନ୍ଥରେ ଟଙ୍ଗା ହୋଇଥାଏ। ଚର୍ଚ୍ଚା କରୁଥିବା ବ୍ୟକ୍ତି ପଚାରିଲେ, ଭାଇ, ମାମୁଁଙ୍କ ପରେ ଆପଣଙ୍କୁ ପୂରା ଏକୁଟିଆ ଲାଗୁଥିବ ନାଁ ? ମୁଁ ଖାଲି ଟିକେ ହସିଦେଇ କହିଲି ହଁ ସେମିତି ଟିକେ ଟିକେ ଲାଗୁଥିଲା, ଏବେ କିନ୍ତୁ କମିଗଲାଣି। ସେ ସାଙ୍ଗେ ସାଙ୍ଗେ

କହିଉଠିଲେ, ଜାଣନ୍ତି ଭାଇ, ମାମୁଁ ଶରୀର ଛାଡ଼ିବାର ପ୍ରାୟ ୭/୮ ଦିନ ପୂର୍ବର ମୋତେ ଫୋନ କରି ଆମ ଘର କଥା ପଚାରୁଥିଲେ। ମୁଁ କାବା ହୋଇଗଲି, ଆଜି କାହିଁକି ପଚାରୁଛନ୍ତି ? ମାତ୍ର ଠିକ୍ ୭/୮ଦିନ ପରେ ସେ ଚାଲିଗଲେ। ଏମିତି ମଝିରେ ମଝିରେ ଫୋନ୍ କରନ୍ତି ମାତ୍ର ଏଥର ଫୋନ୍ କରିବାର ଉଦ୍ଦେଶ୍ୟ କିଛି ଭିନ୍ନ ଥିଲା ଭଳି ଲାଗୁଥିଲା।

ଆଶ୍ଚର୍ଯ୍ୟର ବିଷୟ ମୁଁ ତା'ପରେ ଯେଉଁଆଡ଼େ ଟୁର୍‌ରେ ଗଲି ଅଧିକାଂଶ ସ୍ଥାନରେ ଜାଣିବାକୁ ପାଇଲି ମାମୁଁ ଅନେକ ଜଣଙ୍କ ସାଙ୍ଗରେ ଫୋନ୍ କରି କଥା ହୋଇଛନ୍ତି। କିଏ ମାତୃଭବନ ଆସିଥିଲେ, ତାଙ୍କ ସହିତ ଭେଟ ହୋଇଛନ୍ତି, କଥା ହୋଇଛନ୍ତି। କାହା ସାଙ୍ଗରେ ଅନୁଷ୍ଠାନ ବିଷୟରେ, କାହା ସାଙ୍ଗରେ ଚାକିରୀ ବିଷୟରେ, ସମସ୍ତଙ୍କ ସହିତ ବିଭିନ୍ନ ବିଷୟରେ କଥା ହୋଇଛନ୍ତି। ବିଶ୍ୱାସ ହେଲା ନାହିଁ, ଏତେଦିନରୁ ତେବେ ତାଙ୍କ ଆତ୍ମା ଶରୀର ତ୍ୟାଗ ପାଇଁ ପ୍ରସ୍ତୁତ ହେଉଥିଲା !

ଏତ ଗଲା ସମସ୍ତଙ୍କ ସହିତ ସମ୍ପର୍କ ବିଷୟରେ। ଆମେ ଏବେ ଦେଖିବା କାମ ବିଷୟ। ସମସ୍ତଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରି ଯେମିତି ସମସ୍ତଙ୍କର ସମସ୍ୟାର ହୁଏତ ସମାଧାନ କିମ୍ବା ସାନ୍ତ୍ୱନା ଦେଇ ଗଲେ। ସେମିତି କାମରେ ମଧ୍ୟ। କାମରେ ବାହ୍ୟ ସହଯୋଗ ଯାହା ଯାହା ତା' ବ୍ୟତୀତ ସବୁ ସ୍ଥାନରେ ମାମୁଁଙ୍କ ଉପସ୍ଥିତି ତଥା ସହଯୋଗ ଅତି ସ୍ୱଷ୍ଟ। ଜୁଲାଇ ଟୁର୍‌ରେ ଆମେ ଅନୁଭବ କଲୁ ପ୍ରତ୍ୟେକ ଜିଲ୍ଲାରେ ପୂର୍ବବର୍ଷଠାରୁ ସଂଖ୍ୟା ଅଧିକ, ପୂର୍ବବର୍ଷଠାରୁ ଶୃଙ୍ଖଳା ଅଧିକ, ପୂର୍ବବର୍ଷଠାରୁ ସହଯୋଗ ଅଧିକ, ପୂର୍ବବର୍ଷଠାରୁ ବାକି ସବୁ ଅଧିକ। ହଠାତ୍ ମାମୁଁଙ୍କ ପାର୍ଥିବ ଅବର୍ତ୍ତମାନରେ ଏତେ ସବୁ ଅଗ୍ରଗତି ହେବା କେବେ ବି ସମ୍ଭବ ହୁଅନ୍ତା ନାହିଁ। କେବଳ ଯେ ମାମୁଁ ସୂକ୍ଷ୍ମ ଭାବରେ ଉପସ୍ଥିତ ଥିଲେ, ସେତିକି ନୁହେଁ ପୂର୍ଣ୍ଣ ଭାବରେ ବିଶ୍ୱାସ କରିହେଲା ମାମୁଁଙ୍କର ଅବର୍ତ୍ତମାନ କେବଳ ମାତ୍ର ବାହାରର ଅନୁପସ୍ଥିତି।

ନଚେତ୍ ଏ କଥା କେବେବି ସମ୍ଭବ ହୋଇନଥାନ୍ତା। ସିଏ ନିଜେ ଉପସ୍ଥିତ ଥିବା ବେଳେ ସ୍ଥୂଳଭାବରେ ବିଶେଷ ଦାୟିତ୍ୱ ନେଉ ନଥିଲେ। କେବଳ ସଭା ଠିକ୍ ସମୟରେ ଆରମ୍ଭ ହେବ। ସମସ୍ତେ ନିଜର ଭାଷଣକୁ ଯଥା ସମ୍ଭବ ସଂକ୍ଷିପ୍ତ ରଖିବେ। ଯେଉଁ ଜିଲ୍ଲାର କାର୍ଯ୍ୟକ୍ରମ ସେମାନଙ୍କର ମତାମତକୁ ଗୁରୁତ୍ୱ ଦିଆଯିବ ଇତ୍ୟାଦି ବ୍ୟତୀତ ଆଉ ଆୟୋଜନରେ ସିଏ ବିଶେଷ ଦାୟିତ୍ୱ ନେଉନଥିଲେ। ମାତ୍ର ଏ ବର୍ଷ ଅନୁଭବ ହେଲା ଯେପରି ସମସ୍ତ ଦାୟିତ୍ୱ ନିଜେ ବହନ କରି ପରିଚାଳନା କରୁଥିଲେ। ସମଗ୍ର କିଛିକୁ ଖୁବ୍ ଦୃଢ଼ ତଥା ଶୃଙ୍ଖଳାର

ସହିତ ପରିଚାଳନା କରୁଥିଲେ। ମାସବ୍ୟାପୀ ସମଗ୍ର କାର୍ଯ୍ୟ ଶେଷ ହେବା ପରେ ଶେଷଦିନ ମାତୃଭବନଠାରେ କଟକ ଜିଲ୍ଲାର କାର୍ଯ୍ୟକ୍ରମ ଯେପରି ଅନୁଷ୍ଠିତ ହେଲା ସେଥିରେ ତିଳେ ବି ସନ୍ଦେହ ରହିଲା ନାହିଁ ଯେ ମାମୁଁଙ୍କର ଉପସ୍ଥିତି କେତେ ବାସ୍ତବ ତଥା ଦୃଢ଼ ଥିଲା।

ଏହାପରେ ଆହୁରି ତିନିମାସ ବିତି ଗଲାଣି। ଏହା ମଧ୍ୟରେ ମଧ୍ୟ ଅନେକ ସ୍ଥାନକୁ ଯିବାକୁ ଆବଶ୍ୟକ ପଡ଼ିଛି। ଅନେକ ସ୍ଥାନରେ ମତେ ଦେଖୁ ଦେଖୁ ପ୍ରଥମେ ମାମୁଁଙ୍କ କଥା। ମୁଁ ଭାବିଥିଲି, ଏହା ମଧ୍ୟରେ ଆଠମାସ ଗଲାଣି ଲୋକମାନଙ୍କର ସ୍ମୃତି ନିଶ୍ଚୟ ଦୁର୍ବଳ ହୋଇ ଆସିବଣି। ମାତ୍ର ପ୍ରଶ୍ନ ଉଠୁନାହିଁ, ସମସ୍ତଙ୍କର ସେଇ ଗୋଟିଏ କଥା ମାମୁଁଙ୍କୁ ନେଇ। କେତେ ପ୍ରକାରର କଥା ସେ କାହାକୁ କହିଛନ୍ତି। ସବୁ ମନେପକାଇ ଲେଖିବା ସମ୍ଭବପର ନୁହେଁ ଅଳ୍ପ କେତୋଟି ଲେଖୁଛି।

୧. "ତୋ' କଥା ବହୁତ ମନେପଡିବାରୁ ଫୋନ୍ କଲି।"

୨. "ଯେଉଁ ଔଷଧ ନେଇଥିଲୁ ତାକୁ ମାତ୍ର ଥରେ ଖାଇବୁ।"

୩. ଆଉ ଜଣେ ଶୁଣୁ ଶୁଣୁ କହିଲେ, "ମୋତେ ବି ଔଷଧ ଦେଇଥିଲେ ତା' ସାଙ୍ଗରେ ଶାଗ, କଞ୍ଚାଲଙ୍କା, ବିରି ଏବଂ ଖଟା ଖାଇବାକୁ ମନା କରିଥିଲେ।"

୪. "ମୋତେ ଫୋନ୍ କରି ପୁଅ କଥା ପଚାରୁଥିଲେ ଏବଂ ତାକୁ ଜମା ଗାଳି ମାଡ଼ ଦେବୁନାହିଁ ବୋଲି କହିଲେ।"

୫. "ମୋ ସ୍ୱାମୀଙ୍କ ଦେହ କଥା ବୁଝିଲେ ଏବଂ ମା'ଙ୍କ ଆଶୀର୍ବାଦ ପୁଷ୍ପ ତାଙ୍କ ମୁଣ୍ଡତଳେ ରଖିବାକୁ କହିଲେ। ଘରେ କେହି ବି ଆଦୌ ମନଦୁଃଖରେ ରହିବାକୁ ମନା କରିଥିଲେ। ସମସ୍ତେ ସବୁ ସମୟରେ ମା' ନାମଜପ କରିବାକୁ କହିଲେ।"

୬. ଆଉ ଜଣଙ୍କୁ କହିଥିଲେ, "ତୁ କେବେହେଲେ ମନଦୁଃଖ କରିବୁ ନାହିଁ। ସ୍ୱାମୀଙ୍କ ତକିଆତଳେ ମା'ଙ୍କ ବ୍ଲେସିଙ୍ଗସ୍ ରଖିବୁ। ସେ ରୁମ୍‌ରେ ମା'ଙ୍କ ମ୍ୟୁଜିକ୍ ଦେବୁ।"

୭. ଆଉ ଜଣେ କହିଲେ, "ଆବଶ୍ୟକ ହେଲେ ଫୋନ୍ କରିବୁ"।

୮. "ଦେହ ପ୍ରତି ଯତ୍ନ ନେବୁ।"

୯. "ତୋର ପି.ଏଚ୍.ଡି କେତେବାଟ ଗଲା? ଯେମିତି ହେଉ ଚେଷ୍ଟା କରି ପି.ଏଚ୍.ଡ଼ି ଟା ସାରିଦେ। ମୁଁ ଯାହା ଢ଼ିଲା ହେଉଥିଲି ମାମୁଁ କହିଛନ୍ତି ବୋଲି ଏବେ ଲାଗିପଡ଼ିଛି।"

୧୦. "କୌଣସି ଘଟଣାରେ ମଧ୍ୟ ଚାକିରୀ ଛାଡ଼ିବୁ ନାହିଁ।"

୧୧. "ଗୋଟିଏ ପେଜ୍ ସାବିତ୍ରୀ ସବୁଦିନ ଗୋଟିଏ ଖାତାରେ ଲେଖିବୁ।"

ଏହିପରି ଯେଉଁମାନେ ଜୁଲାଇ ଗସ୍ତବେଳେ ବିଭିନ୍ନ ସ୍ଥାନରେ ଦେଖାହେଲେ, ସେମାନେ ସମସ୍ତେ

ମୋତେ ଦେଖୁ ଦେଖୁ ମାମୁଁଙ୍କ ବିଷୟରେ କହିବା ଆରମ୍ଭ କରିଦେଲେ।

ସମସ୍ତଙ୍କ ସାଙ୍ଗରେ ମାମୁଁଙ୍କର ବ୍ୟକ୍ତିଗତ ସମ୍ପର୍କ ବିଷୟରେ ମୋତେ କିଛି ଅଛପା ନଥିଲା। ଯାହାକୁ ସିଏ ଚିହ୍ନିଥାନ୍ତି, ତା'ର ମୁଣ୍ଡଠାରୁ ଗୋଡ଼ ପର୍ଯ୍ୟନ୍ତ ସବୁ ଚିହ୍ନିଥାନ୍ତି ଏବଂ ସବୁ ବିଷୟ ପଚାରି ବୁଝନ୍ତି। ତେବେ ଶରୀର ତ୍ୟାଗର ପ୍ରାୟ ମାସେ ବା ଦୁଇମାସ ମଧ୍ୟରେ ସମସ୍ତଙ୍କୁ ସବୁ ବିଷୟ ପଚାରି ବୁଝିଛନ୍ତି, ମୋତେ ସବୁ ବେଶ୍ ପ୍ରାଞ୍ଜଳ ଲାଗିଲା।

ଫେବୃୟାରୀ ୨୯ ତାରିଖ ଠିକଣା ହୋଇସାରିଛି। ଏହା ଆମ୍ବାଙ୍କର ସିଦ୍ଧାନ୍ତ। ସେଥିପାଇଁ ସବୁ ପ୍ରକାରର ପ୍ରତିକୂଳ ଅବସ୍ଥାରେ ମଧ୍ୟ ପଣ୍ଡିଚେରୀ ଯାଉଛନ୍ତି ମାତ୍ର ଆମ୍ବାଙ୍କର ପ୍ରଭାବ ମନ ଉପରେ ପଡିଲା ପରେ, ମନ ତା'ର ନିଜସ୍ୱ ଧାରରେ ସମସ୍ତଙ୍କର କୁଶଳମଙ୍ଗଳ ବୁଝିଚାଲିଛି।

ଆଶ୍ଚର୍ଯ୍ୟ ହୋଇ କେହି ଜଣେ କହୁଥାଆନ୍ତି, ଭାଇ, ଏଇ ସାତଦିନ ତଳେ ମାମୁଁ ଯେତେବେଳେ ମୋତେ ରାତି ୮ଟା ବେଳେ ହଠାତ୍ ଫୋନ୍ କଲେ ମୁଁ ପ୍ରଥମେ ଟିକେ ଆଶ୍ଚର୍ଯ୍ୟ ହୋଇଗଲି- ଏତେ ଗୁରୁତ୍ୱପୂର୍ଣ୍ଣ ତ କିଛି ନଥିଲା ହଠାତ୍ ରାତ୍ରୀରେ କାହିଁକି ଫୋନ୍ କଲେ? ମାତ୍ର ପରେ ଜାଣିଲି, ମୁଁ ମନେପଡ଼ିଗଲି, କାଳେ ଭୁଲିଯିବେ ତେଣୁ ସାଙ୍ଗେ ସାଙ୍ଗେ ଫୋନ୍ କରିଛନ୍ତି।

ଏ ସମ୍ପର୍କରେ ସଞ୍ଜୟ (କାଳୁପଡ଼ାର)ର ଗୋଟିଏ ମଜାକଥା ମନେପଡ଼େ। ମାମୁଁ ତାକୁ ସବୁବେଳେ ମହାଭାରତର ସଞ୍ଜୟ ବୋଲି କହୁଥିଲେ। ଥରେ ହଠାତ୍ ଫୋନ୍ କଲେ ସଞ୍ଜୟ, ଟିକେ ସାଙ୍ଗେ ସାଙ୍ଗେ ଆସିପାରିବ? ସଞ୍ଜୟ କହିଲା, ଆଜ୍ଞା, ଯାଉଛି। କୌଣସି ଗୋଟିଏ କାମ କରୁଥିଲା, ସବୁ ବନ୍ଦ କରି ସାଙ୍ଗେ ସାଙ୍ଗେ ଗାଡ଼ି ଧରି ସଞ୍ଜୟ କଟକ ଆସିଲା। ମାମୁଁଙ୍କୁ ପ୍ରଣାମ କଲାବେଳକୁ, ମାମୁଁ ପଚାରିଲେ, ସଞ୍ଜୟ କୁଆଡ଼େ? ଏତେ ସକାଳୁ? ସଞ୍ଜୟ କିଛି ବୁଝିପାରିଲା ନାହିଁ। ଅତ୍ୟନ୍ତ ନମ୍ର ଭାବରେ କହିଲା, ମାମୁଁ, ଆପଣ ପରା ଡାକିଲେ! ମାମୁଁ ଆଉ କିଛି କହିଲେ ନାହିଁ, ଗୋଟିଏ ବ୍ଲେସିଙ୍ଗସ୍ ତାକୁ ଦେଇ - ସ୍କୁଲ କଥାସବୁ ପଚାରି ବୁଝିଲେ।

ସଞ୍ଜୟ କହିଲା, କ'ଣ ପାଇଁ ମାମୁଁ ଡାକୁଥିଲେ, ହୁଏତ ଭୁଲିଯାଇଛନ୍ତି ମାତ୍ର ଯାହାବି ହେଉ ମା'ଙ୍କ ବ୍ଲେସିଙ୍ଗସ୍ ହିଁ ସବୁର ସମାଧାନ। ତେଣୁ ବ୍ଲେସିଙ୍ଗସ୍‌ଟି ଦେଇଦେଲେ। ମାମୁଁଙ୍କର ପାର୍ଥୀବ ଅବର୍ତ୍ତମାନ ହେଲେ ମଧ୍ୟ ପୂର୍ବପରି ସମସ୍ତଙ୍କର ଠିକ୍ ସେମିତି ଅତି ଅନ୍ତରଙ୍ଗ ହୋଇ ରହିଛନ୍ତି ଏହା ବେଶୀରୁ ବେଶୀ ଅନୁଭବ ହେଉଛି।

***ପ୍ରସାଦ ତ୍ରିପାଠୀ***

●

# ଏଇ ଋତୁରେ

ବର୍ତ୍ତମାନ ନଭେମ୍ବରଠାରୁ ଫେବୃୟାରୀ ଚାରିମାସ ଆମର ଯେତେସବୁ ଅଣଏକାଡ଼େମିକ ବିଷୟଗୁଡ଼ିକର କାର୍ଯ୍ୟକ୍ରମ କରାଯିବ। ଯେପରି ବାର୍ଷିକ କୀଡ଼ାଉତ୍ସବ, ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ, ବଣଭୋଜି, ଷ୍ଟଡିଟୁର୍ ଇତ୍ୟାଦି। ଏଗୁଡ଼ିକ ସମ୍ପର୍କରେ କିଛି ଆଲୋଚନା କରିବାକୁ ଚେଷ୍ଟା କରୁଛି। ଅବଶ୍ୟ ସରକାରୀ ଧାରାରେ Non-academic ମାତ୍ର ଆମ ପାଇଁ ପାଠ ଭଳି ସମାନ ଗୁରୁତ୍ୱପୂର୍ଣ୍ଣ।

**୧. ବାର୍ଷିକ କ୍ରୀଡ଼ାଉତ୍ସବ:** ଆମ ଶିକ୍ଷାକେନ୍ଦ୍ରମାନଙ୍କରେ ଶାରୀରିକ ଶିକ୍ଷା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ। ଆମକୁ ଯେ କୌଣସି ପ୍ରକାରରେ ହେଲେ ମଧ୍ୟ ଶାରୀରିକ ଶିକ୍ଷାକୁ ଯଥେଷ୍ଟ ଗୁରୁତ୍ୱ ଦେବାକୁ ହେବ। ପ୍ରତ୍ୟେକ ଦିନ ରୁଟିନ୍‌ରେ ଥିବା କ୍ରୀଡ଼ା ବିଷୟ ବ୍ୟତୀତ ସମ୍ଭବ ହେଲେ ପିଲାମାନଙ୍କୁ Outdoor game ଯେପରିକି କ୍ରିକେଟ, ଫୁଟବଲ, ବାସ୍କେଟବଲ, ଭଲିଭଲ ପ୍ରଭୃତି ଖେଳାଇବା ଦରକାର। ଏହା ବ୍ୟତୀତ ଆହୁରି ମଧ୍ୟ କବାଡ଼ି, ଖୋଖୋ ପ୍ରଭୃତି ଖେଳା ଯାଇପାରେ। ସବୁ ପିଲାଙ୍କୁ ଏକାଠି କରି ବିଭିନ୍ନ ଗୋଷ୍ଠୀରେ ସେମାନଙ୍କୁ ନେଇ ଖେଳାଯାଇପାରିବ। ଏତଦ୍ ବ୍ୟତୀତ ବିଭିନ୍ନ ପ୍ରକାରର ଜିମ୍ନାଷ୍ଟିକ୍, ଦୌଡ଼, ରିଲେ ଦୌଡ଼ ପ୍ରଭୃତି ମଧ୍ୟ କରାଯାଇପାରେ। ଯଦି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା କରୁଥା'ନ୍ତି ତେବେ ୧୦୦ ମି, ୨୦୦ ମି. ୪୦୦ ମି, ୮୦୦ ମି, ୧୫୦୦ମି. ପ୍ରଭୃତି ମଧ୍ୟ ଦୌଡ଼ ବ୍ୟବସ୍ଥା କରାଯାଇପାରେ। ଏତଦ୍ ବ୍ୟତୀତ ଲଙ୍ଗ୍‌ଜମ୍ପ୍, ହାଇଜମ୍ପ୍, ଡିସ୍‌କସ୍ ଥ୍ରୋ, ଜାଭେଲିନ୍ ଥ୍ରୋ, ସଟ୍‌ପୁଟ ଥ୍ରୋ ଇତ୍ୟାଦି ଯେଉଁମାନଙ୍କର ଶାରୀରିକ ଅକ୍ଷମତା ଥିବ, ସେମାନେ ଯାହା ଯାହା କରିପାରିବେ, କରିବେ ମାତ୍ର ଏଇ କାର୍ଯ୍ୟକ୍ରମରେ ସବୁପିଲା ସମ୍ପୂର୍ଣ୍ଣ ଭାବରେ ଅଂଶଗ୍ରହଣ କରିବା ଏବଂ ସମସ୍ତ ଅପା/ଭାଇ ସହଯୋଗ କରିବା ଆବଶ୍ୟକ। ସାନ ପିଲାମାନଙ୍କ ପାଇଁ ଅନେକ ପ୍ରକାର କୌତୁକିଆ କାର୍ଯ୍ୟକ୍ରମ ମଧ୍ୟ କରାଯାଇପାରେ।

**୨. ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ:** ଏହା ସମ୍ପୂର୍ଣ୍ଣ ରଚି ସମ୍ପନ୍ନ ହେବା ଆବଶ୍ୟକ। ଆମ ଆଦର୍ଶର ବିରୋଧ କରୁଥିବା କୌଣସି କାର୍ଯ୍ୟକ୍ରମ ଯେପରି ଆମ ବ୍ୟବସ୍ଥାରେ ସ୍ଥାନ ନପାଏ। ମନେରଖିବାକୁ ହେବ ହାସ୍ୟରସ ମଧ୍ୟ ଉଚ୍ଚକୋଟୀର ହେବାକୁ ହେବ। କୌଣସି ନକରାତ୍ମକ କିମ୍ବା ବିୟୋଗାନ୍ତକ କାର୍ଯ୍ୟକ୍ରମ ଯେପରି ଆମର ବ୍ୟବସ୍ଥାରେ ସ୍ଥାନ ନ ପାଏ। ଏଥିରେ ମଧ୍ୟ ଯେତେ ଅଧିକ ଅପା/ଭାଇ ଏବଂ ଛାତ୍ରଛାତ୍ରୀ ସ୍ଥାନ ପାଆନ୍ତି ଦେଖିବାକୁ ହେବ।

**୩. ବାର୍ଷିକ ପ୍ରଦର୍ଶନୀ :** ଆମ ଅନୁଷ୍ଠାନମାନଙ୍କରେ ପ୍ରଦର୍ଶନୀ କେବଳ ବିଜ୍ଞାନ ଏବଂ ଚାରୁକଳା ମଧ୍ୟରେ ସୀମିତ ରହିଯାଏ । ମାତ୍ର ଆମେ ଜାଣିବା ଦରକାର ଯେ ଆମେ ଯେ କୌଣସି ବିଷୟରେ ମଧ୍ୟ ପ୍ରଦର୍ଶନୀ କରିପାରିବା, ସାମାଜିକ ବିଜ୍ଞାନ, ସାଧାରଣ ବିଜ୍ଞାନ, ଗଣିତ, ଭାଷା, ଚିତ୍ରକଳା, କାରୁ ଶିଳ୍ପ, ପୁଷ୍ପ, ବୃକ୍ଷଲତା, ଔଷଧ, ବିଭିନ୍ନ ପ୍ରକାରର ସଂଗ୍ରହକୁ ଯେପରି ଡାକଟିକେଟ, ପୁରୁଣା କଏନ, ଦିଆସିଲି ଡବା, ଦାନ୍ତଘଷା ପେଷ୍ଟ ଡବା, ବିଭିନ୍ନ ପ୍ରକାରର ଖବର କାଗଜ, ଅତି ପୁରାତନ ସଂଗ୍ରହ ସବୁକୁ ମଧ୍ୟ ପ୍ରଦର୍ଶନୀ କରାଯାଇପାରେ । ପୁଣି ଗଛ ପ୍ରଦର୍ଶନୀ, ଶାଗ ପ୍ରଦର୍ଶନୀ, ପନିପରିବା, ପତ୍ର, ଫଳ, ପୁଷ୍ପ ଇତ୍ୟାଦି ଅନେକ ପ୍ରକାରର ସଂଗ୍ରହ କରି, ସେ ସବୁର Botanical ନାମ ସହିତ ମଧ୍ୟ ପ୍ରଦର୍ଶନୀ କରାଯାଇପାରେ ।

**୪. ପାଠାଗାର ପ୍ରଦର୍ଶନୀ:** ବିଭିନ୍ନ ଭାଷାର, ବିଭିନ୍ନ ଲେଖକଙ୍କର, ବିଭିନ୍ନ ବିଷୟର କାବ୍ୟ, କବିତା, ଗଳ୍ପ, ଅନୁବାଦ, ଭ୍ରମଣ କାହାଣୀ, ଉପନ୍ୟାସ, ଶିଶୁସାହିତ୍ୟ ପ୍ରଭୃତି ମଧ୍ୟ ସଂଗ୍ରହ କରି ପ୍ରଦର୍ଶନୀ କରାଯାଇପାରେ ।

**୫. ବଣଭୋଜି:** ଆମ ସ୍କୁଲର ବଣଭୋଜିଗୁଡ଼ିକ ଖୁବ୍‌ବେଶୀ କୋଳାହଳପୂର୍ଣ୍ଣ ନହେବା ଉଚିତ । କେବେହେଲେ କେବଳ ମଜା କରିବା ଉଦ୍ଦେଶ୍ୟରେ ବଣଭୋଜି ନକରିବା ଉଚିତ । ଯେଉଁ ସ୍ଥାନକୁ ପିଲାଙ୍କୁ ନିଆଯିବ ସେଇ ପାଖାପାଖି ଆମର କୌଣସି ଏକ ପବିତ୍ର ଦେହାଂଶ କେନ୍ଦ୍ର କିମ୍ବା ଏକ ଅପେକ୍ଷାକୃତ ପୁରାତନ କେନ୍ଦ୍ର ହୋଇଥିଲେ ଭଲ । ଯାହାଫଳରେ ପିଲାମାନେ ଦର୍ଶନୀୟ ସ୍ଥାନଟି ଦେଖିସାରିବା ପରେ ପବିତ୍ର ଦେହାଂଶ ପୀଠରେ ପ୍ରଣାମ କରିପାରିବେ । ସମ୍ଭବ ହେଲେ ସେଇଠାରେ ଭୋଜନ ରନ୍ଧନ କରି ପ୍ରସାଦ ସେବନ କରିପାରିବେ । ଆଉ ମଧ୍ୟ ସେ ସ୍ଥାନରେ, ସେ ଅଞ୍ଚଳରେ ତଥା ଅନ୍ୟ କିଛି ଜାଣିବା କଥା ସେ ଅନୁଷ୍ଠାନର ମୁଖ୍ୟ କିମ୍ବା ଅନ୍ୟ କାହାରିଠାରୁ ଶୁଣି ପାରିବେ । ଏହାଦ୍ୱାରା ବଣଭୋଜି ସହିତ କିଛି ଶିକ୍ଷଣୀୟ କାର୍ଯ୍ୟ ମଧ୍ୟ ହୋଇପାରିବ । ଯଦି ସମ୍ଭବ ହୁଏ ସେ ଅନୁଷ୍ଠାନର ପିଲାମାନଙ୍କ ସହିତ ମିଶି ସ୍ୱଳ୍ପ ସମୟ ପାଇଁ କିଛି ସଙ୍ଗୀତ, ନୃତ୍ୟ ଇତ୍ୟାଦି ମଧ୍ୟ କରିପାରନ୍ତି । ତେବେ ଯାହାହେଉ ବଣଭୋଜି ସରିବାବେଳକୁ ଖୁବ୍ କ୍ଲାନ୍ତ ହୋଇ ଫେରିବା ଅପେକ୍ଷା ବେଶ୍ ସତେଜ ଏବଂ ଆନନ୍ଦରେ ପରିପୂର୍ଣ୍ଣ ହୋଇ ଫେରୁଥିବେ ।

**୬. ଷ୍ଟଡ଼ି ଟୁର୍ :** ଆମ ସ୍କୁଲମାନଙ୍କରେ ସମ୍ଭବ ହେଲେ ପ୍ରତ୍ୟେକ ବର୍ଷ କିଛି ପିଲାଙ୍କୁ ନେଇ ଗୋଟିଏ ଷ୍ଟଡିଟୁର୍ (ପାଠ୍ୟ ଗସ୍ତ) କାର୍ଯ୍ୟକ୍ରମ ରଖାଗଲେ ଭଲ ହେବ । ଆମେ ସମସ୍ତେ ଜାଣିଚୁ ସ୍କୁଲ ପିଲାମାନଙ୍କୁ

ରେଳଯାତ୍ରା କରିବା ପାଇଁ ଅଧା ରିହାତି ମିଳିଥାଏ। ତେଣୁ ତା'ର ସୁବିଧା ନେଇ ପିଲାମାନଙ୍କୁ ଅନ୍ତତଃ ପଣ୍ଡିଚେରୀ ନେଇଯିବା ଦରକାର। ଭାରତବର୍ଷରେ ଅନେକ ସ୍ଥାନ ଅଛି ଯେଉଁଠାକୁ ପିଲାମାନଙ୍କୁ ନିଆଯାଇ ପାରେ ମାତ୍ର ପଣ୍ଡିଚେରୀ ଅନେକ କାରଣରୁ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ସେଠାରେ ସେମାନେ ଶ୍ରୀମାଶ୍ରୀଅରବିନ୍ଦଙ୍କ ସମାଧିରେ ପ୍ରଣାମ କରିବାର ସୁଯୋଗ ପାଇବେ। ଯେଉଁ ପ୍ଲେ-ଗ୍ରାଉଣ୍ଡକୁ ମା' ବରାବର ଯାଉଥିଲେ ସେଇ ଭୂମି ଉପରେ ବସି ଧ୍ୟାନ କରିବାର ସୁଯୋଗ ପାଇବେ। ଏ ସବୁ ଆମ ସ୍କୁଲ ଛାଡ଼ିବା ପରେ ହୁଏତ ସେ ସୁଯୋଗ ସେମାନେ ନ ପାଇ ପାରନ୍ତି। ତେଣୁ ପଣ୍ଡିଚେରୀକୁ ଷ୍ଟଡ଼ି ଟୁର୍ ବ୍ୟବସ୍ଥା କରିପାରିଲେ ଭଲ ହେବ। ଏଥିପାଇଁ ରେଳ ଟିକେଟ କରିବା ଅନେକ ଆଗରୁ ନବଜ୍ୟୋତି କାର୍ଯ୍ୟାଳୟକୁ ଲେଖି ରହିବାର ଏବଂ ଆଶ୍ରମ ଭୋଜନାଳୟରେ ଭୋଜନ କରିବାର ବ୍ୟବସ୍ଥା କରିବାକୁ ହେବ। ଏଥିପାଇଁ ପିଲାମାନଙ୍କ ସମସ୍ତ ଖର୍ଚ୍ଚ ପିଲାମାନଙ୍କର ଅଭିଭାବକମାନେ ହିଁ ବହନ କରିବେ।

ଏହିପରି ଭାବରେ ଏହି ସମୟଟି କେବଳ ପାଠପଢ଼ାରେ ବ୍ୟୟ ନକରି ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡ଼ିକୁ ମଧ୍ୟ ସ୍ଥାନ ଦେଇ ପାରିଲେ ଭଲ ହେବ।

*ପ୍ରସାଦ ତ୍ରିପାଠୀ*

●

## ମାତୃଭବନ ପତ୍ର ସମ୍ପର୍କରେ

**ଗ୍ରାହକ ଚାନ୍ଦା ବର୍ଷକୁ ୫୦ଟଙ୍କା ଓ ଆଜୀବନ (୨୦ବର୍ଷ) ୧୦୦୦ଟଙ୍କା**

ଯେଉଁ ବନ୍ଧୁମାନଙ୍କର ମାତୃଭବନ ପତ୍ରର ଗ୍ରାହକ ଚାନ୍ଦା ଶେଷ ହୋଇଯାଉଛି, ସେମାନେ ଦୟାକରି ବାର୍ଷିକ ଚାନ୍ଦା **ପଚାଶ ଟଙ୍କା ମାତ୍ର** ତୁରନ୍ତ ପଠାଇବାକୁ ଅନୁରୋଧ। ଗ୍ରାହକ ଚାନ୍ଦା ଶେଷ ହେବା ମାସ ଜାଣିବା ପାଇଁ ଆପଣଙ୍କ ପତ୍ରିକା ଖୋଳ ଉପରେ ଥିବା ଠିକଣା ସ୍ଲିପ୍‌ର ପ୍ରଥମ ଧାଡ଼ି ଦେଖନ୍ତୁ। ଧାଡ଼ିର ଶେଷରେ ଚାନ୍ଦା ଶେଷ ହେଉଥିବା ମାସ ଓ ବର୍ଷ ଉଲ୍ଲେଖ ଅଛି। ମାତୃଭବନ ପତ୍ର ସମ୍ପର୍କରେ କୌଣସି ଅଭିଯୋଗ ଥିଲେ **ମୋ:୯୪୩୮୭୦୪୬୭୩ରେ ଅନୁପମା ଦଳାଇ (ପିଙ୍କି ଅପା)ଙ୍କୁ** ଜଣାଇବାକୁ ଅନୁରୋଧ। **ଅଭିଯୋଗ ଜଣାଇବା ସମୟରେ ନିଜର ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

**ପରିଚାଳକ**

# ସଙ୍ଗଠନ ସମାଚାର

**ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ:-** ୫.୯.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ରାଜସୁନାଖଳା, ନୟାଗଡ଼ାଠାରେ ଶ୍ରୀଅରବିନ୍ଦ ଇଂଜିନିୟରିଂ ଓ ଟେକ୍ନିକାଲ ଗ୍ରୁପର ୨୬ତମ ନିଖିଳ ଉତ୍କଳ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଛାତ ଉପରେ ବର୍ଷାଜଳ ସଂରକ୍ଷଣ ଓ ସୌରଶକ୍ତି ଉତ୍ପାଦନ" ସମ୍ପର୍କରେ ଆଲୋଚନା କରାଯାଇଛି।... ସେପ୍ଟେମ୍ବର ୨୭ ରୁ ୨୯ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ଼ସ୍ଥ ମାତୃବିହାରଠାରେ ରାଜ୍ୟସ୍ତରୀୟ ଆଲୋକ ସେନା ଶିବିର ଡମ୍ବରୁଧର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରସାଦ ତ୍ରିପାଠୀ, ବ୍ରଜମୋହନ ବେହେରା, ରଞ୍ଜିତ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।... ଅକ୍ଟୋବର ୧୦ ରୁ ୧୪ ତାରିଖ ପାଞ୍ଚ ଦିନ ଧରି ମାତୃଭବନ, କଟକଠାରେ ରାଜ୍ୟସ୍ତରୀୟ ଆଲୋକ ସେନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟହ ପ୍ରାତଃ ଅଧିବେଶନରେ ପ୍ରସାଦ ତ୍ରିପାଠୀ "ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର", "ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଆରମ୍ଭ", "ଦଶକର୍ମଧାରା" ଓ "ନାମଜପ" ସମ୍ପର୍କରେ ଆଲୋଚନା କରିଥିଲେ। ଅଞ୍ଜଳି ତ୍ରିପାଠୀ "ଶ୍ରୀମାଶ୍ରୀଅରବିନ୍ଦଙ୍କ ରଚିତ ପୁସ୍ତକ", ବ୍ରଜମୋହନ ବେହେରା "ବ୍ୟକ୍ତିଗତ ଓ ସାମୂହିକ ସାଧନାରେ ସଙ୍ଗଠନର ଭୂମିକା", "ମା'ଙ୍କ ପ୍ରଦତ୍ତ କାଠଚମ୍ପା ପୁଷ୍ପର ପାଞ୍ଚଟି ଆଧ୍ୟାତ୍ମିକ ଗୁଣ - ନିଷ୍ଠାପରତା, ଶ୍ରଦ୍ଧା, ଭକ୍ତି, ସମର୍ପଣ ଓ ଆସ୍ପୃହା" ବିଷୟବସ୍ତୁ ସମ୍ପର୍କରେ ସମରେନ୍ଦ୍ର ରାଉତ, ଯଶସ୍ୱିନୀ ରାୟ, ରାମକୃଷ୍ଣ ନାୟକ, ନିଶିଥ ରଞ୍ଜନ ରାଉତ ଓ କପିଳାଶ ପ୍ରସାଦ ଦାସ ପ୍ରମୁଖ ଆଲୋଚନା କରିଥିଲେ। ଅପରାହ୍ନରେ ସୁଶାନ୍ତ କୁମାର ଲେଙ୍କାଙ୍କ ପରିଚାଳନାରେ ମାର୍ଚ୍ଚ ପାଷ୍ଟ ଓ ଶାରୀରିକ କାର୍ଯ୍ୟକ୍ରମ କରାଯାଇଥିଲା। ଉଦ୍‌ଯାପନ ଦିବସରେ ଚଳିତ ବର୍ଷ ଆଲୋକ ସେନାର କର୍ମୀମାନେ କେତୋଟି କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଥିଲେ। ଯଥା- ଯେକୌଣସି ଶ୍ରୀଅରବିନ୍ଦ ପାଠଚକ୍ରରେ ଅଂଶଗ୍ରହଣ କରିବା, ଜିଲ୍ଲାସ୍ତରୀୟ ଆଲୋକ ସେନା ଶିବିର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଆଲୋକ ସେନା ଦଳ ଗଠନ ଓ ନିୟମିତ ଶ୍ରୀମାଶ୍ରୀଅରବିନ୍ଦଙ୍କ ପୁସ୍ତକ ଅଧ୍ୟୟନ। ଉକ୍ତ କାର୍ଯ୍ୟକ୍ରମରେ ୧୬ଟି ଜିଲ୍ଲାରୁ ୪୦ ଜଣ କର୍ମୀ ଅଂଶଗ୍ରହଣ କରିଥିଲେ। ଆଲୋକ ସେନା ଶିବର ଉଦ୍‌ଯାପନ ପରେ ସମସ୍ତ ଶିବିରାର୍ଥୀ

ବୟାଳିଶ ମୌଜାସ୍ଥ ତଇଲିପଡା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ପରିଦର୍ଶନ ଯାଇ ସେଠାରେ ଶ୍ରମଦାନ କରିଥିଲେ।... ଅକ୍ଟୋବର ୧୦ ରୁ ୧୪ ତାରିଖ ପର୍ଯ୍ୟନ୍ତ ଡାଳିଯୋଡାଠାରେ ଶ୍ରୀଅରବିନ୍ଦ ୟୁନିଟ୍ ଅଫ୍ ଏଗ୍ରିକଲ୍‌ଚର୍ ଆନୁକୂଲ୍ୟରେ ଏକ ଶ୍ରମଦାନ ଶିବିର ଅଧୀର କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ପ୍ରସାଦ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏଥିରେ ଦେବେନ୍ଦ୍ର ବିଶ୍ୱାଳ, ଅଧୀର କୁମାର ସାହୁ, ପ୍ରଭାତ କୁମାର ନାୟକ, ଧରଣୀଧର ପାତ୍ର, ଧରଣୀଧର ପାଲ, ରାଧାକାନ୍ତ, ଅଶୋକ, ଧ୍ରୁବଚରଣ, ସମରେନ୍ଦ୍ର ରାଉତ, ତାରାକାନ୍ତ ମହାନ୍ତି, ତପନ, ଜଗନ୍ନାଥ ବେହେରା, ଡ. ଶ୍ୟାମା କାନୁନଗୋ, ଅଭା କାନୁନଗୋ ଓ ଶାନ୍ତନୁ ଶତପଥୀ ଅଂଶଗ୍ରହଣ କରିଥିଲେ।

### ଆସ୍ପୃହା ମଣ୍ଡଳ

**ଗଜପତି:-** ୨୫.୯.୨୪ରେ କରଣ ସାହିସ୍ଥିତ ସୁବାସିନୀ ପାତ୍ରୀଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "କ୍ରୋଧର ଉତ୍ପତ୍ତି ଏବଂ କ୍ରୋଧ ଉପରେ ବିଜୟ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୨୯.୯.୨୪ରେ ଲାଲୁ ସାହିଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମା ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ଓ ଶ୍ରୀଅରବିନ୍ଦ ପାଠଚକ୍ର" ସମ୍ପର୍କରେ ଆଲୋଚନା କରାଯାଇଥିଲା।

**ଗଞ୍ଜାମ:-** ... ୨୮.୯.୨୪ରେ ଉପ୍ତାପଡାସ୍ଥିତ ସୁଶାନ୍ତ ପ୍ରଧାନଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ସରୋଜିନୀ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ପ୍ରଧାନ "ଅତୀତ ଆହୁରି ବଞ୍ଚି ରହିବାକୁ ଚାହେଁ, ଗୀତାଞ୍ଜଳୀ ପ୍ରଧାନ "ଦୈନନ୍ଦିନ ଜୀବନ ପ୍ରତି ଆମର ମନୋଭାବ" ସମ୍ପର୍କରେ ଆଲୋଚନା କରିଥିଲେ।... ଅକ୍ଟୋବର ୯, ୧୧, ୧୨, ୧୩ ଓ ୧୪ ତାରିଖରେ ଉପ୍ତାପଡାସ୍ଥିତ ରାଜେନ୍ଦ୍ର ପ୍ରଧାନ, ଜିତୁ ପ୍ରଧାନ, ପ୍ରେମ ପ୍ରଧାନ, ବାବୁଲା ପ୍ରଧାନ ଓ ପବନା ପ୍ରଧାନଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ସୁବାସ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୌରୀ ରାଉତ "ଦିବ୍ୟକର୍ମ ପ୍ରତି ଆଗେଇ ଆସ", ଗୀତାଞ୍ଜଳି ପ୍ରଧାନ "ଯୋଗର ଭିତ୍ତିଭୂମି", କୀର୍ତ୍ତନ ପ୍ରଧାନ "ଶ୍ରୀଅରବିନ୍ଦ ପାଠଚକ୍ର ବାର୍ଷିକୋତ୍ସବର ମହତ୍ତ୍ୱ", "ଏକ ଦିବ୍ୟ ଜୀବନ ପାଇଁ ପ୍ରସ୍ତୁତ ହେବା", "ସମର୍ପଣର ସହଜ ମାର୍ଗ", "ମା'ଙ୍କୁ ନେଇ ବଞ୍ଚିବା", ସନ୍ତୋଷ କୁମାର ବେହେରା "ଯୋଗ କ'ଣ ପାଇଁ",

"ଯୋଗପଥରେ ବ୍ୟକ୍ତିଗତ ପ୍ରଚେଷ୍ଟା" ଏବଂ ସରୋଜିନୀ ପ୍ରଧାନ "ବାଧାବିପତ୍ତିରେ ଆମ ମନୋଭାବ" ବିଷୟରେ ଆଲୋଚନା କରିଥିଲେ।... ଅକ୍ଟୋବର ୨୧ ଓ ୨୨ ତାରିଖରେ ଗୁଣ୍ଡୁରିବାଡି, ବାହାଡାପଦର ଉଚ୍ଚ ବିଦ୍ୟାଳୟ, ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ ଏବଂ ଖଲାସାହି ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଭାତ କୁମାର ନାୟକ "ମା'ଙ୍କ ଶକ୍ତି", "ଶ୍ରୀଅରବିନ୍ଦଙ୍କ ଶିକ୍ଷା" ଓ "ଭଗବାନଙ୍କୁ କିପରି ପ୍ରାର୍ଥନା କରିବା" ସମ୍ପର୍କରେ ଆଲୋଚନା କରିଥିଲେ।... ୨୨.୧୦.୨୪ରେ ବାହାଡା ପଦରସ୍ଥିତ ସରକାରୀ ବିଦ୍ୟାଳୟ ପରିସରରେ ଏବଂ ମୁଜାଗଡସ୍ଥିତ ଶ୍ରଦ୍ଧାକର ପ୍ରଧାନଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ରତ୍ନମଞ୍ଜରୀ ପାଢ଼ୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଭାତ କୁମାର ନାୟକ "ଶ୍ରୀଅରବିନ୍ଦଙ୍କ ଯୋଗ ଓ ଭାରତବର୍ଷ" ଓ "ଶ୍ରୀଅରବିନ୍ଦଙ୍କ ଯୋଗ ଓ ଜୀବନ" ସମ୍ପର୍କରେ ଆଲୋଚନା କରିଥିଲେ।

**ଆସ୍ପା ମଣ୍ଡଳ**

**ବାଲେଶ୍ୱରଃ–** ସେପ୍ଟେମ୍ବର ୨୮ ଓ ୨୯ ତାରିଖରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଈଶ୍ୱରପୁରଠାରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ଦୟାନିଧି ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଞ୍ଜୁକ୍ତା ପ୍ରଧାନ "ନାରୀମାନଙ୍କ ସମସ୍ୟାର ସମାଧାନ ଆଧ୍ୟାତ୍ମିକ ପ୍ରସ୍ତୁତିରେ ହିଁ ହୋଇପାରିବ", ଲୀନା ପୋଥାଳ "ଦିବ୍ୟ ସମାଜ ଗଠନରେ ନାରୀ ପ୍ରଶିକ୍ଷିକା ହେବାର ସାମର୍ଥ୍ୟ", ଭବେଶ ଚନ୍ଦ୍ର ସାହୁ "ପ୍ରେମ ହିଁ ଦିବ୍ୟ ସମାଜ ଗଠନର ମୂଳ ମନ୍ତ୍ର", ଲକ୍ଷ୍ମୀ ଦଳାଇ "ନାରୀର ଆଧ୍ୟାତ୍ମିକ ପ୍ରସ୍ତୁତି", ତାପସୀ ରାଣୀ ଦାସ "ଅତିମାନସ ଅବତରଣ", ବସନ୍ତ ମଞ୍ଜରୀ ନନ୍ଦ "ସ୍ୱାସ୍ଥ୍ୟ ଓ ସାଧନା", ଉର୍ମିଳା ରାଉତ "ନାରୀ ସତ୍ୟର ଆଧାର", ଅନ୍ନପୂର୍ଣ୍ଣା ପଣ୍ଡା "ବାଟବଣା ନାରୀ ପାଇଁ ଆଧ୍ୟାତ୍ମିକ ଜୀବନ ହିଁ ଗୁରୁତ୍ୱପୂର୍ଣ୍ଣ" ଏବଂ ପ୍ରଭାତ କୁମାର ନାୟକ "ଯୋଗ ଏକ ନବଜନ୍ମ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ସମ୍ମିଳନୀରେ ଅଶ୍ୱିନୀ କୁମାର ମଉଗଜ ଓ ସସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଇଂ ଶରତ ଚନ୍ଦ୍ର ଉପାଧ୍ୟାୟ, ଗଙ୍ଗା ନାରାୟଣ ପ୍ରଧାନ, ରାମଚନ୍ଦ୍ର ସ୍ୱାଇଁ, ସୁଜାତା ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଉକ୍ତ ଦୁଇଦିନିଆ କାର୍ଯ୍ୟକ୍ରମକୁ ଅଶ୍ୱିନୀ କୁମାର ମଉଗଜ, ବିଜୟଲକ୍ଷ୍ମୀ ସେଠୀ, ଉର୍ମିଳା ରାଉଳ ଓ ଅତସି କର ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ ୧୨ଟି ବ୍ଲକରୁ ସମସ୍ତ ସଙ୍ଗଠକ, ଆଲୋକ

ସେନାର ଅପାଭାଇ ତଥା ଶ୍ରୀଅରବିନ୍ଦ ପାଠଚକ୍ରର ସଭ୍ୟାସଭ୍ୟମାନେ ଅଂଶଗ୍ରହଣ କରିଥିଲେ।... ୫.୧୦.୨୪ରେ ବର୍ଦ୍ଧନାସ୍ଥିତ ହରେନ୍ଦ୍ର ସାମଲଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଦୀପ ସାମଲ ଓ ସନ୍ଦୀପ ସାମଲ ଅଂଶଗ୍ରହଣ କରିଥିଲେ।... ୬.୧୦.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଭଦୁଆଠାରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୧୪.୧୦.୨୪ରେ ଭଣ୍ଡାରୀପଲ୍ଲୀସ୍ଥିତ ଯତୀନ୍ଦ୍ର ବିନ୍ଦାଙ୍କ ବାସଭବନସ୍ଥ ଶ୍ରୀଅରବିନ୍ଦ ପାଠଚକ୍ରରେ ସରସ୍ୱତୀ ପରିଡା ଓ ପ୍ରଶାନ୍ତ ଘୋଷ ଅଂଶଗ୍ରହଣ କରିଥିଲେ।... ୨୧.୧୦.୨୪ରେ ଶ୍ରୀଅରବିନ୍ଦ ଯୋଗ ମନ୍ଦିର, ଶାନ୍ତିଆଠାରେ ସ୍ୱର୍ଗତଃ ବ୍ରଜମୋହନ ସେନାପତିଙ୍କ ଏକାଦଶାହ ନିମନ୍ତେ ଶ୍ରୀଅରବିନ୍ଦ ପାଠଚକ୍ରରେ ସଞ୍ଜୁକ୍ତା ପ୍ରଧାନ, ମୀରାରାଣୀ ଦେ ଓ ଅଞ୍ଜନା କର ଅଂଶଗ୍ରହଣ କରିଥିଲେ।... ୨୫.୧୦.୨୪ରେ ରାଜପୁରସ୍ଥିତ ମିଳନବାଲା ବେହେରାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।

**ଭଦ୍ରକ:–** ୨୦.୯.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବନ୍ଧାଳୋଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମହାଲକ୍ଷ୍ମୀଙ୍କ ପ୍ରକୃତି ଓ ସ୍ୱରୂପ" ସମ୍ପର୍କରେ ହୃଷିକେଶ ମିଶ୍ର ଆଲୋଚନା କରିଥିଲେ।... ୨୫.୯.୨୪ରେ ସାତସୋଳାସ୍ଥିତ ଦୁର୍ଯ୍ୟୋଧନ ବିଶ୍ୱାଳଙ୍କ ବାସଭବନରେ ସ୍ୱର୍ଗତଃ ବୃନ୍ଦାବତୀ ବିଶ୍ୱାଳଙ୍କ ଏକାଦଶାହ ନିମନ୍ତେ ଶ୍ରୀଅରବିନ୍ଦ ପାଠଚକ୍ର ହୃଷିକେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ରର ଗୁରୁତ୍ୱ" ଏବଂ "ଜନ୍ମମୃତ୍ୟୁର ରହସ୍ୟ" ସମ୍ପର୍କରେ ପ୍ରଶାନ୍ତ ସ୍ୱାଇଁ ଓ ଅନାଦି ଚରଣ ସ୍ୱାଇଁ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ମିତାଞ୍ଜଳି ଜେନା, ଗଦାଧର ଜେନା, ସୁରେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।... ୨୯.୯.୨୪ରେ ମାଳଦାସ୍ଥିତ ଶ୍ୟାମସୁନ୍ଦର ଦାଶଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ହୃଷିକେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ରର ବୃହତ୍ତର ଭୂମିକା" ଓ "ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ଓ ଆଦର୍ଶ" ସମ୍ପର୍କରେ ପ୍ରଦୀପ କୁମାର ଜେନା ଆଲୋଚନା କରିଥିଲେ ଓ ହୃଷିକେଶ ମିଶ୍ର ସାଙ୍ଗଠନିକ ଆଲୋଚନା କରିଥିଲେ।... ଉକ୍ତ ଦିବସର ସନ୍ଧ୍ୟାରେ ବିରିଡିସ୍ଥିତ ଓମ୍ ପ୍ରକାଶଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରରେ ମନୋରଞ୍ଜନ ଜେନା ଓ ହୃଷିକେଶ ମିଶ୍ର "ଜନ୍ମଦିନର

ଗୁରୁତ୍ୱ" ସମ୍ପର୍କରେ ଆଲୋଚନା କରିଥିଲେ।... ୪.୧୦.୨୪ରେ ବନ୍ଧାଲୋସ୍ଥିତ ଦେବଦତ୍ତ ପତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ନିଜ ନିଜ ଅନୁଭୂତିରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ଶକ୍ତି" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୧୦.୧୦.୨୪ରେ ବିରିଡିସ୍ଥିତ ରାଜଲକ୍ଷ୍ମୀଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୧୪.୧୦.୨୪ରେ ଖପୁରୀଆପଦାସ୍ଥିତ ଦିବ୍ୟକୃପା ଶ୍ରୀଅରବିନ୍ଦ ପାଠଚକ୍ର ହୃଷିକେଶ ମିଶ୍ରଙ୍କ ବାସଭବନରେ ଭାଗିରଥୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମଦିବସକୁ କେଉଁ ଚେତନାରେ ରହି ପାଳିବା" ଏବଂ "ଜନ୍ମଦିନ ଆମ ଚେତନାର ନବଜନ୍ମ" ସମ୍ପର୍କରେ ସନାତନ ଜେନା ଓ ପ୍ରଦୀପ କୁମାର ଜେନା ଆଲୋଚନା କରିଥିଲେ। ପରିଶେଷରେ ହୃଷିକେଶ ମିଶ୍ର କୃତଜ୍ଞତା ଜ୍ଞାପନ କରିଥିଲେ।... ୧୮.୧୦.୨୪ରେ ଖପୁରୀଆପଦାସ୍ଥିତ ହରିହର ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଅଧିମାନସ ଶକ୍ତିରେ ଦେବାଦେବୀଙ୍କ ଉପସ୍ଥିତି" ସମ୍ପର୍କରେ ହୃଷିକେଶ ମିଶ୍ର ଆଲୋଚନା କରିଥିଲେ।

**ମୟୂରଭଞ୍ଜ:-** ସେପ୍ଟେମ୍ବର ୩୦, ଅକ୍ଟୋବର ୧ ଓ ୨ ତାରିଖ ତିନିଦିନ ବ୍ୟାପୀ ଶ୍ରୀଅରବିନ୍ଦ ମାତୃଜ୍ୟୋତି ପୀଠ, ସିଙ୍ଘଟିଆଠାରେ ଏକ ପ୍ରାକ୍ ପ୍ରାଥମିକ ଶିକ୍ଷଣ କର୍ମଶାଳା ପୂର୍ଣ୍ଣଚନ୍ଦ୍ର ମହନ୍ତ ଓ ନାରାୟଣ ଅଗସ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି।... ୧୨.୧୦.୨୪ରେ ବାଘଡା ରୋଡସ୍ଥିତ ଶ୍ରୀଅରବିନ୍ଦ ଶ୍ରୀମା ପାଠଚକ୍ରର ବାର୍ଷିକୋତ୍ସବ ପ୍ରବୋଧ କୁମାର ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରସାଦ ତ୍ରିପାଠୀ ଅଂଶଗ୍ରହଣ କରିଥିଲେ।... ୧୯.୧୦.୨୪ରେ ବିଜିପୁର, ମାନଗୋବିନ୍ଦପୁରର ଶ୍ରୀମାଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ର ପରିସରରେ ଅସ୍ଥି ଓ ସ୍ନାୟୁ ରୋଗ ସମ୍ପର୍କୀୟ ଏକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି।... ୨୭.୧୦.୨୪ରେ ଶ୍ରୀମାଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ର, ବିଜିପୁରଠାରେ ଜିଲ୍ଲାସ୍ତରୀୟ ସ୍ୱାଧ୍ୟାୟ ଶିବିର ଡ. କିଶୋର ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ଦିଲୀପ ଭୋଇ ମାତୃ ରଚନାବଳୀର କିଛି ଅଂଶ ଅଧ୍ୟୟନ କରି ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶଶିକାନ୍ତ ଭୋଇ, ପ୍ରଭାତ କୁମାର ଦାସ ଆଗାମୀ ଦିବସର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

## କୃପା ମଣ୍ଡଳ

**ଅନୁଗୁଳ:-** ୪.୯.୨୪ରେ ଶିକ୍ଷକପଡାସ୍ଥିତ ଅମ୍ବିକା ପ୍ରସାଦ ଦାସ ତଥା ସ୍ନିଗ୍ଧା ଦାସଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୫.୯.୨୪ରେ ONLINE ମାଧ୍ୟମରେ ଜିଲ୍ଲା ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗିରୀଶ ଚନ୍ଦ୍ର ସାହୁ, ଅରବିନ୍ଦ ପ୍ରଧାନ, ଗୀତାଞ୍ଜଳି ରାଉତ, ପଦ୍ମିନୀ ସାହୁ, ନିରୁପମା ପ୍ରଧାନ, ଲକ୍ଷ୍ମୀପ୍ରିୟା ମହାନ୍ତି, ପବିତ୍ର ମୋହନ ପ୍ରଧାନ ଓ ସତୀ କମଳିନୀ ଶଙ୍ଖୁଆ ଅଂଶଗ୍ରହଣ କରିଥିଲେ ।... ୭.୯.୨୪ରେ ଶ୍ରୀଅରବିନ୍ଦ କଲେଜ ଅଫ ସାଇନ୍ସ ଆଣ୍ଡ କମର୍ସ, ଗୀତା ଗ୍ରାମଠାରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ର କାହିଁକି ଓ କିପରି" ସମ୍ପର୍କରେ ରଞ୍ଜିତା ସାହୁ, ପ୍ରତିଭା ଦେହୁରୀ, ପଦ୍ମିନୀ ସାହୁ, ନିରୁପମା ପ୍ରଧାନ, ତ୍ରିନାଥ ଦେହୁରୀ ଓ ପ୍ରତାପ କୁମାର ସାହୁ ଆଲୋଚନା କରିଥିଲେ । ସୁବ୍ରତ କୁମାର ତ୍ରିପାଠୀ କୃତଜ୍ଞତା ଏବଂ ଅକ୍ଷୟ କୁମାର ବିଶ୍ୱାଳ ଧନ୍ୟବାଦ ଜଣାଇଥିଲେ ।... ୧୯.୯.୨୪ରେ ଅମଲାପଡାସ୍ଥିତ ଚିତ୍ତରଞ୍ଜନ ପ୍ରଧାନଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ପରମପ୍ରଭୁ ଶ୍ରୀଅରବିନ୍ଦ"ଙ୍କ ବିଷୟରେ ପ୍ରଭାତ କୁମାର ନାୟକ ଆଲୋଚନା କରିଥିଲେ ।... ୨୦.୯.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବଣାମୀରା ଆନୁକୂଲ୍ୟରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ର ପବିତ୍ର ମୋହନ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକମାନଙ୍କ ଭୂମିକା" ସମ୍ପର୍କରେ ଅରବିନ୍ଦ ପ୍ରଧାନ ଓ "ଘଡିସନ୍ଧି ମୁହୂର୍ତ୍ତରେ ଶ୍ରୀଅରବିନ୍ଦ ପାଠଚକ୍ରର ଭୂମିକା" ସମ୍ପର୍କରେ ପ୍ରଭାତ କୁମାର ନାୟକ ଆଲୋଚନା କରିଥିଲେ ।... ଉକ୍ତ ଦିବସର ଅପରାହ୍ନରେ ବଁଅରପାଳ ବ୍ଲକ ଅନ୍ତର୍ଗତ ତରମୂଳ ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଭାତ କୁମାର ନାୟକ "ଶ୍ରୀଅରବିନ୍ଦ ପାଠଚକ୍ରର ବୃହତ୍ତମ ଭୂମିକା" ସମ୍ପର୍କରେ ଆଲୋଚନା କରିଥିଲେ ।... ୨୧.୯.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଅନୁଗୁଳଠାରେ ଗିରୀଶ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ଛାତ୍ର ଜୀବନର ମୂଲ୍ୟବାନ ସମୟ ଏବଂ ପୂର୍ଣ୍ଣ ଯୋଗରେ ସେମାନଙ୍କ କର୍ତ୍ତବ୍ୟ" ସମ୍ପର୍କରେ ଆଲୋଚନା କରାଯାଇଥିଲା ।... ୨୧.୯.୨୪ରେ ଅମଲାପଡାସ୍ଥିତ ଶାନ୍ତିଲତା ବିଶ୍ୱାଳଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଗିରୀଶ ଚନ୍ଦ୍ର ସାହୁଙ୍କ ପରିଚାଳନାରେ

ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅକ୍ଷୟ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ, ଗିରୀଶ ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ପ୍ରଭାତ କୁମାର ନାୟକ "ପ୍ରାର୍ଥନା ଏକ ଶକ୍ତି" ସମ୍ପର୍କରେ ଆଲୋଚନା କରିଥିଲେ।... ୨୨.୯.୨୪ରେ ଘଣ୍ଟାପଡାସ୍ଥିତ ହିମାଂଶୁ ଶେଖର ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଗିରୀଶ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସାମ୍ପ୍ରତିକ ପରିସ୍ଥିତିରେ ଶ୍ରୀଅରବିନ୍ଦଙ୍କ ଯୋଗ" ସମ୍ପର୍କରେ ପ୍ରଭାତ କୁମାର ନାୟକ ଆଲୋଚନା କରିଥିଲେ।... ୨୩.୯.୨୪ରେ ପିତାବଳୀ ଗୁରୁଡାସ୍ଥିତ ଦିବ୍ୟଜନନୀ ମହିଳା ପାଠଚକ୍ରର ବାର୍ଷିକୋତ୍ସବ ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଭାତ କୁମାର ନାୟକ "ଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନ" ସମ୍ପର୍କରେ ଆଲୋଚନା କରିଥିଲେ।... ୨୪.୯.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ରେଙ୍ଗାଲିଡ୍ୟାମଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅରବିନ୍ଦ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଶୋକ କୁମାର ଗଡନାୟକ ସ୍ୱାଗତ ଭାଷଣ, ପ୍ରଭାତ କୁମାର ନାୟକ "ବର୍ତ୍ତମାନ ପରିସ୍ଥିତିରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ଶ୍ରୀଅରବିନ୍ଦ ପାଠଚକ୍ରର ଭୂମିକା" ସମ୍ପର୍କରେ ଆଲୋଚନା କରିଥିଲେ।

**ଢେଙ୍କାନାଳ:-** ... ୨୧.୯.୨୪ରେ ଲକ୍ଷ୍ମୀଧରପୁରସ୍ଥିତ କାହ୍ନୁଚରଣ ସାହୁଙ୍କ ବାସଭବନରେ ଯୋଗମାୟା ଶ୍ରୀଅରବିନ୍ଦ ପାଠଚକ୍ରର ଦ୍ୱିତୀୟ ବାର୍ଷିକୋତ୍ସବ ଜୈନେତ୍ରୀ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ବର୍ତ୍ତମାନ ପରିସ୍ଥିତିରେ ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା" ସମ୍ପର୍କରେ ଜୈନେତ୍ରୀ ଦାସ ଆଲୋଚନା କରିଥିଲେ।... ୨୪.୯.୨୪ରେ କଙ୍କଡାହାଡସ୍ଥିତ ମୀନକେତନ ବେହେରାଙ୍କ ବାସଭବନରେ ଶ୍ରୀମୟୀ ଶ୍ରୀଅରବିନ୍ଦ ପାଠଚକ୍ର ନାମରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର କୁନି ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ର" ସମ୍ପର୍କରେ ନିରଞ୍ଜନ ମହାପାତ୍ର ଆଲୋଚନା କରିଥିଲେ।... ୨୯.୯.୨୪ରେ ସିମିଳିଆ ଗ୍ରାମସ୍ଥିତ ଲକ୍ଷ୍ମୀପ୍ରିୟା ସାହୁ ଓ ସନ୍ତୋଷ କୁମାର ସାହୁଙ୍କ ବାସଭବନରେ ଜ୍ୟୋତିର୍ମୟୀ ମହିଳା ପାଠଚକ୍ରର ୨୭ତମ ବାର୍ଷିକୋତ୍ସବ ପାର୍ବତୀ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀମାଶ୍ରୀଅରବିନ୍ଦଙ୍କ ପ୍ରଭାବ" ସମ୍ପର୍କରେ ସୁଲୋଚନା ସାହୁ ଓ ନିରଞ୍ଜନ ମହାପାତ୍ର ଆଲୋଚନା କରିଥିଲେ।...

୩.୧୦.୨୪ରେ ଭାଗିରଥି ବିହାରସ୍ଥିତ ସ୍ନେହ ଭଞ୍ଜାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରରେ ପ୍ରଭାତ କୁମାର ନାୟକ "ବିଶ୍ୱାସ ରଖ, ମା' ତୁମ ପାଇଁ ସବୁକିଛି କରିଦେବେ" ସମ୍ପର୍କରେ ଆଲୋଚନା କରିଥିଲେ।... ୫.୧୦.୨୪ରେ କାମାକ୍ଷାନଗର ଏନ.ଏ.ସିସ୍ଥିତ ଦିଲ୍ଲୀପ କୁମାର ମହାନ୍ତିଙ୍କ ବାସଭବନରେ ସତ୍ୟମୟୀ ଶ୍ରୀଅରବିନ୍ଦ ପାଠଚକ୍ରର ୨୬ତମ ବାର୍ଷିକୋତ୍ସବରେ "ଦିବ୍ୟଜୀବନ ଲାଭ ପାଇଁ ପାଠଚକ୍ରର ଭୂମିକା" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୬.୧୦.୨୪ରେ ପରଜଙ୍ଗସ୍ଥିତ ମମତା ରାଉତଙ୍କ ବାସଭବନରେ ଶ୍ରୀଅରବିନ୍ଦ ଆନନ୍ଦମୟୀ ପାଠଚକ୍ରର ୨୪ତମ ବାର୍ଷିକୋତ୍ସବରେ ସୁବାସ ଚନ୍ଦ୍ର କର "ନିଜକୁ ଜାଣିବା" ସମ୍ପର୍କରେ ଆଲୋଚନା କରିଥିଲେ।... ୬.୧୦.୨୪ରେ ସିମିଳିଆ ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ର ନିଶାମଣୀ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସୃଷ୍ଟିର ଉଦ୍ଦେଶ୍ୟ" ସମ୍ପର୍କରେ ସୁଲୋଚନା ସାହୁ ଓ ନିରଞ୍ଜନ ମହାପାତ୍ର ଆଲୋଚନା କରିଥିଲେ।... ୬.୧୦.୨୪ରେ ଲକ୍ଷ୍ମୀପୁରସ୍ଥିତ ପ୍ରଭାକର ନାୟକଙ୍କ ବାସଭବନରେ ଆଦ୍ୟାଶକ୍ତି ଶ୍ରୀଅରବିନ୍ଦ ପାଠଚକ୍ର ନାମରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଜୈନେତ୍ରୀ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ର କ'ଣ, କାହିଁକି ଓ କିପରି" ସମ୍ପର୍କରେ ଜୈନେତ୍ରୀ ଦାସ ଆଲୋଚନା କରିଥିଲେ।... ୭.୧୦.୨୪ରେ ଦେଉଳସାହିସ୍ଥିତ ବିଦୁଲତା ପାତ୍ରଙ୍କ ବାସଭବନରେ ଦିବ୍ୟଜ୍ଞାନ ଶ୍ରୀଅରବିନ୍ଦ ପାଠଚକ୍ରର ୧୩ତମ ବାର୍ଷିକୋତ୍ସବ ପ୍ରମୋଦିନୀ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ର କିପରି କରିବା" ଓ "ଧର୍ମ ଓ ଆଧ୍ୟାତ୍ମିକତା" ସମ୍ପର୍କରେ ପ୍ରମୋଦିନୀ ସାହୁ ଓ ବିଷ୍ଣୁଚରଣ ସ୍ୱାଇଁ ଆଲୋଚନା କରିଥିଲେ।... ୭.୧୦.୨୪ରେ ଯୋରନ୍ଦାସ୍ଥିତ ସନ୍ଧ୍ୟାରାଣୀ ପାତ୍ରଙ୍କ ବାସଭବନରେ ଶ୍ରୀମୟୀ ଶ୍ରୀଅରବିନ୍ଦ ପାଠଚକ୍ରର ଦ୍ୱିତୀୟ ବାର୍ଷିକୋତ୍ସବ ସବିତା ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମାନବଙ୍କ ମଧ୍ୟରେ ମା'ଙ୍କ ଉପସ୍ଥିତି" ସମ୍ପର୍କରେ ସୁଲୋଚନା ସାହୁ ଓ ନିରଞ୍ଜନ ମହାପାତ୍ର ଆଲୋଚନା କରିଥିଲେ।... ୮.୧୦.୨୪ରେ ଶ୍ରୀଅରବିନ୍ଦ ଭବନ, ରାଜବାଟିଠାରେ ସମର୍ପଣ ଶ୍ରୀଅରବିନ୍ଦ ପାଠଚକ୍ରର ଅଷ୍ଟମ ବାର୍ଷିକୋତ୍ସବ ପ୍ରଣତୀ ନନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଲୋଚନା ସାହୁ ଓ ନିରଞ୍ଜନ ମହାପାତ୍ର "ଶ୍ରୀଅରବିନ୍ଦ ପାଠଚକ୍ର"

ସମ୍ପର୍କରେ ଆଲୋଚନା କରିଥିଲେ।... ୧୪.୧୦.୨୪ରେ ଲକ୍ଷ୍ମୀଧରପୁରସ୍ଥିତ ଦେବାଶିଷ ନାୟକଙ୍କ ବାସଭବନରେ ମୀରାମ୍ବିକା ପାଠଚକ୍ରର ଷଷ୍ଠ ବାର୍ଷିକୋତ୍ସବ ଜୈନେନ୍ଦ୍ରୀ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ନାମଜପର ମହାତ୍ମ୍ୟ" ବିଷୟରେ ଜୈନେନ୍ଦ୍ରୀ ଦାସ ଆଲୋଚନା କରିଥିଲେ।... ୧୮.୧୦.୨୪ରେ ଗାନ୍ଧୀମନ୍ଦିର ରୋଡସ୍ଥିତ ସତ୍ୟନାରାୟଣ ଭଞ୍ଜଙ୍କ ବାସଭବନରେ ଶ୍ରୀଅରବିନ୍ଦ ସାଧନା କେନ୍ଦ୍ରର ୩୭ତମ ବାର୍ଷିକୋତ୍ସବ ଶରତ କୁମାରୀ ଭଞ୍ଜଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସହନଶୀଳତା" ସମ୍ପର୍କରେ ପ୍ରସାଦ ତ୍ରିପାଠୀ ଆଲୋଚନା କରିଥିଲେ।

**ସତ୍ୟମଣ୍ଡଳ**

**କଟକ:-**... ୨୬.୦୯.୨୪ରେ ବହଳପଡାସ୍ଥିତ ଶ୍ରୀଅରବିନ୍ଦ ସାଧନାପୀଠଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅଧିବେଶନରେ "ସାଧନାର ଭିତ୍ତି" ସମ୍ପର୍କରେ ଆଲୋଚନା ହୋଇଥିଲା।... ୨୭.୯.୨୪ରେ ବନ୍ତୁଣିଆସ୍ଥିତ ଭକ୍ତ ଭବନଠାରେ ଶଙ୍କର୍ଷଣ ସେନାପତିଙ୍କ ଆୟୋଜନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ସାଧନାରେ ବ୍ୟକ୍ତିଗତ ପ୍ରୟାସ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୨୮.୯.୨୪ରେ ଦେଉଳୀସ୍ଥିତ ବନ୍ଦନା ଦୀକ୍ଷିତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୨୮.୯.୨୪ରେ ସୁଭଦ୍ରାପୁରସ୍ଥିତ ସନ୍ତୋଷ କୁମାର ସାମଲଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସେ ତୁମ ମଧ୍ୟରେ, ତୁମେ ତା'ଙ୍କ ମଧ୍ୟରେ" ସମ୍ପର୍କରେ ରବୀନ୍ଦ୍ରନାଥ ସୁତାର, ସୁଶାନ୍ତ କୁମାର କର, ଡ. ମଦନ ମୋହନ ପ୍ରଧାନ ଏବଂ ସମରେନ୍ଦ୍ର ରାଉତ ଆଲୋଚନା କରିଥିଲେ।... ୨୯.୯.୨୪ରେ ଝିଙ୍କିରିଆସ୍ଥିତ ଡ. ପ୍ରଶାନ୍ତ କୁମାର ନନ୍ଦଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରରେ ଶ୍ରୀରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ- ୩ୟ ଖଣ୍ଡରୁ ଅଧ୍ୟୟନ କରି ଆଲୋଚନା କରାଯାଇଥିଲା।... ୨୯.୯.୨୪ରେ ଶ୍ରୀରାମସ୍ଥିତ ଧର୍ମାନନ୍ଦ ପାଣ୍ଡେଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ଶ୍ରୀଅରବିନ୍ଦ ଓ ଅତିମାନବ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୨୯.୯.୨୪ରେ ବହଳପଡାସ୍ଥିତ ଶ୍ରୀଅରବିନ୍ଦ କର୍ମକେନ୍ଦ୍ରଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅଧିବେଶନରେ "ଶ୍ରୀରାମକୃଷ୍ଣ ଦାସ ରଚନା ସଂଗ୍ରହ- ୧ମ ଖଣ୍ଡ ଅଧ୍ୟୟନ କରି ଆଲୋଚନା କରାଯାଇଥିଲା।... ୧.୧୦.୨୪ରେ ଦହିଗାଁସ୍ଥିତ ମୀରାମ୍ବିକା ପାଠଚକ୍ର ଆନୁକୂଲ୍ୟରେ ଶ୍ରୀଅରବିନ୍ଦ

ପାଠଚକ୍ର କାର୍ଯ୍ୟକ୍ରମ ରଶ୍ମିତା ପତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟ ଭୂଷଣ ପତି, ଗାୟତ୍ରୀ ପତି ଓ ବିରଞ୍ଚି ପଦାରବିନ୍ଦ ପତି ଯୋଗଦାନ କରିଥିଲେ।... ୨.୧୦.୨୪ରେ ଦଧିବାମନପୁରସ୍ଥିତ ବେଦଶ୍ରୀଭବନଠାରେ ଜ୍ୟୋତ୍ସ୍ନାରାଣୀ ଦାଶଙ୍କ ପରିଚାଳନାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୨.୧୦.୨୪ରେ ମାତୃଭବନ, କଟକଠାରେ ଲତା ଦାସ ଓ ଜଛିନ୍ଦ୍ର ଦାସଙ୍କ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ପ୍ରସାଦ ତ୍ରିପାଠୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଅତିମାନସିକ ବିବର୍ତ୍ତନ ନିୟତି ନିର୍ଦ୍ଦିଷ୍ଟ ହୋଇଅଛି" ସମ୍ପର୍କରେ ସଞ୍ଚିତା ବେହେରା ଓ ସୂର୍ଯ୍ୟକାନ୍ତ ମହାରଣା ଆଲୋଚନା କରିଥିଲେ।... ୨.୧୦.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଫୁଲନଖରାଠାରେ ମାତୃକେନ୍ଦ୍ର ମହିଳା ପାଠଚକ୍ରର ୩୬ତମ ବାର୍ଷିକୋତ୍ସବ ପ୍ରସାଦ ତ୍ରିପାଠୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଠାକୁର ପ୍ରସାଦ ଦାସ ସ୍ୱାଗତ ଭାଷଣ, ଡ. ମଧୁସ୍ମିତା ପ୍ରଧାନ "ପରିବାରରେ ସୁସ୍ଥତା" ଏବଂ ମନୋରମା ନାୟକ "ପରିବାରରେ ସୁଖ ଶାନ୍ତି" ସମ୍ପର୍କରେ ଆଲୋଚନା କରିଥିଲେ।... ୩.୧୦.୨୪ରେ ପଟଣାସ୍ଥିତ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ଆନୁକୂଲ୍ୟରେ ଶ୍ରୀଅରବିନ୍ଦ ପାଚଚକ୍ର ସରୋଜ ନଳିନୀ ପରିଜା ଓ ନାରାୟଣ ଚନ୍ଦ୍ର ମହାନ୍ତିଙ୍କ ଆୟୋଜନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୃଷ୍ଟି ସୃଜନିକା ଦାସ ମହପାତ୍ର ଓ ଶ୍ରେୟାଂଶ ମହାନ୍ତି ଯୋଗଦାନ କରିଥିଲେ।... ୧୦.୧୦.୨୪ରେ ଶ୍ରୀଅରବିନ୍ଦ ସାଧନାପୀଠ, ବହଳପଡାଠାରେ ଶ୍ରୀଅରବିନ୍ଦ ପାଠଚକ୍ରରେ "ମା'ଙ୍କର ବିଭିନ୍ନ ବିଭାବ" ବିଷୟରେ ଆଲୋଚନା କରାଯାଇଥିଲା।... ୧୬.୧୦.୨୪ରେ ସନ୍ତୋଳସ୍ଥିତ ସ୍ୱପ୍ନା ସାଗରିକା ହୋତାଙ୍କ ଆୟୋଜନରେ ମାତୃ ସାଧନାପୀଠର ବାର୍ଷିକୋତ୍ସବ ସୁବଳ କୁମାର ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟ କୁମାର ପାତ୍ର ଓ ଶଙ୍କର୍ଷଣ ସେନାପତି ଓ କାଳନ୍ଦୀ ଚରଣ ସେନାପତି "ଆଗାମୀ ଯୁଗର ଆହ୍ୱାନ ଓ ଆମ୍ଭମାନଙ୍କର ଭୂମିକା" ସମ୍ପର୍କରେ ଆଲୋଚନା କରିଥିଲେ।... ୧୮.୧୦.୨୪ରେ ଶ୍ରୀଅରବିନ୍ଦ ସାଧନାପୀଠ, ବହଳପଡାଠାରେ ଶ୍ରୀଅରବିନ୍ଦ ପାଠଚକ୍ରରେ "ଯୋଗାଧାର" ପୁସ୍ତକ ପାଠ କରି ଆଲୋଚନା କରାଯାଇଥିଲା।... ୨୦.୧୦.୨୪ରେ ବେଲେଶ୍ୱରସ୍ଥିତ ନୃସିଂହ ଚରଣ ପୋଥାଳଙ୍କ ବାସଭବନରେ କଟକ ସହର ପୂର୍ବାଞ୍ଚଳ ଜୋନ୍‌ର ମାସିକ ଶ୍ରୀଅରବିନ୍ଦ ପାଠଚକ୍ର

ଚିତ୍ତରଞ୍ଜନ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷା ପୁସ୍ତକର "ଜୀବନ ବିଜ୍ଞାନ" ବିଷୟ ପାଠ କରି ସନ୍ଧ୍ୟା ମହାନ୍ତି, ଯଶସ୍ୱିନୀ ରାୟ, ସମରେନ୍ଦ୍ର ରାଉତ, ପ୍ରସାଦ ତ୍ରିପାଠୀ, ପଦ୍ମଲୋଚନ ପୋଥାଳ ଓ ନିଶିଥ ରଞ୍ଜନ ରାଉତ ଆଲୋଚନା କରିଥିଲେ ।... ୨୧.୧୦.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମୁଣ୍ଡଳୀଠାରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ଲିଗାଲ ୟୁନିଟ୍‌ର ଏକ କାର୍ଯ୍ୟକ୍ରମ ଶରତ ଚନ୍ଦ୍ର ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କପିଳାଶ ପ୍ରସାଦ ଦାଶ "ଆଧାତ୍ମିକ ଶୃଙ୍ଖଳା" ସମ୍ପର୍କରେ ଆଲୋଚନା କରିଥିଲେ ।... ଏତଦ୍‌ବ୍ୟତୀତ ସେପ୍ଟେମ୍ବର ୨୩, ୩୦ ଓ ଅକ୍ଟୋବର ୧,୧୦ ଓ ୧୭ରେ ଶ୍ରୀଅରବିନ୍ଦ ଯୋଗ ମନ୍ଦିର, କଳପଡା ଓ ବୟାଳିଶ ମୌଜା ମହିଳା ପାଠଚକ୍ର ଆନୁକୂଲ୍ୟରେ ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦର କାର୍ଯ୍ୟକ୍ରମ ଜ୍ୟୋତ୍ସାରାଣୀ ଦାଶଙ୍କ ପରିଚାଳନାରେ ONLINE ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯଦୁନନ୍ଦନ ସାମଲ, ରାଧାକାନ୍ତ ମିଶ୍ର, ଊର୍ମିଳା ରାଉତ ଓ ଜ୍ୟୋତ୍ସାରାଣୀ ଦାଶ ଶ୍ରୀଅରବିନ୍ଦଙ୍କ ରଚିତ କବିତା "ତୁମେ ଅଛ ବୋଲି", "ଦେବତାର ଶ୍ରମ", "ଶୈଳଶୀର୍ଷ ଦେବାଳୟ" ଓ "ନୀଳ ବିହଙ୍ଗ" ବିଷୟ ଏବଂ ରାଧାରାଣୀ ଓଝା ଓ ହୃଷିକେଶ ଦେହୁରୀ "ପୂଜ୍ୟ ପ୍ରପତ୍ତି"ଙ୍କ ସମ୍ପର୍କରେ ଆଲୋଚନା କରିଥିଲେ ।

**କେନ୍ଦ୍ରାପଡା:-** ... ୨୨.୯.୨୪ରେ ଜଜାଙ୍ଗଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୨୯.୯.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମୁଣ୍ଡାଳୋ, ହରିଅଙ୍କଠାରେ କେନ୍ଦ୍ରାପଡା ୟୁନିଟ୍‌ର ମିଳିତ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଓ ମାତୃକୃପା ପାଠଚକ୍ରର ୨୨ତମ ବାର୍ଷିକୋତ୍ସବ ଦେବବ୍ରତ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ-ତୃତୀୟ ଖଣ୍ଡ" ପୁସ୍ତକରୁ କିଛି ଅଂଶ ନୟନା ବେହେରା, ଅଞ୍ଜନା ପ୍ରଧାନ, ମନୋଜ କୁମାର ମନ୍ତ୍ରୀ, ଶଶୀରେଖା ଦାସ ଓ ମଳୟ କୁମାର ଜେନା ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶରତଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଏବଂ ଦିଲୀପ କୁମାର ନାୟକ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ ।... ୧.୧୦.୨୪ରେ ଶ୍ରୀମା ଆଶ୍ରମଠାରେ ସ୍ମରଣିକା ସାହୁ ଓ ଆଲୋକ ରଞ୍ଜନ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରରେ ଊର୍ମିଳା ରାଉତ ଓ ପ୍ରମୋଦ କୁମାର ମିଶ୍ର ଅଂଶଗ୍ରହଣ କରିଥିଲେ ।... ୨.୧୦.୨୪ରେ ପେଣ୍ଠସ୍ଥିତ ଭାଗିରଥି ମହାନ୍ତିଙ୍କ ବାସଭବନରେ ଦିବ୍ୟଜନନୀ

ପାଠଚକ୍ରର ୨୦ତମ ବାର୍ଷିକୋତ୍ସବ ପ୍ରମୋଦ କୁମାର ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ବିହାରୀ ବ୍ରହ୍ମ ଓ ମାଗୁଣି ଚରଣ ଦାଶ "ସାବିତ୍ରୀ ମହାକାବ୍ୟ"ରୁ ଆଲୋଚନା କରିଥିଲେ।... ଅକ୍ଟୋବର ୩ ଓ ୪ ତାରିଖରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପଟ୍ଟାମୁଣ୍ଡାଇ ଓ ପଳସିଂହାଠାରେ ଶ୍ରୀଅରବିନ୍ଦ ପାଠଚକ୍ରରେ ନୟନା ବେହେରା ଅଂଶଗ୍ରହଣ କରିଥିଲେ।... ୪.୧୦.୨୪ରେ କଜଳାସ୍ଥିତ ଶାନ୍ତନୁ ବରାଳଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ସନ୍ତୋଷ କୁମାର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଜନା ପ୍ରଧାନ, ନୟନା ବେହେରା ଓ ସୁବାସ ଚନ୍ଦ୍ର କର "ଜନ୍ମଦିନର ଗୁରୁତ୍ୱ" ସମ୍ପର୍କରେ ଆଲୋଚନା କରିଥିଲେ।... ୬.୧୦.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପଟ୍ଟାମୁଣ୍ଡାଇଠାରେ କେନ୍ଦ୍ରାପଡା ଜିଲ୍ଲାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି।... ୧୦.୧୦.୨୪ରେ ନରସିଂହପୁରଠାର ୧୩ତମ ଆଞ୍ଚଳିକ ଶ୍ରୀଅରବିନ୍ଦ ଯୁବଛାତ୍ର ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଭାତ କୁମାର ନାୟକ ଓ କପିଳାସ ପ୍ରସାଦ ଦାଶ "ପ୍ରାର୍ଥନା ଏକ ଶକ୍ତି" ଓ "ମାନବର କ୍ରମ ବିକାଶ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ନୟନା ବେହେରା, ଭାଗିରଥି ମହାନ୍ତି, ବିଧାନ ଚନ୍ଦ୍ର ସ୍ୱାଇଁ ଓ ରଘୁନାଥ ସ୍ୱାଇଁ ପରିଚାଳନା କରିଥିଲେ।... ଅକ୍ଟୋବର ୧୮ ରୁ ୨୦ ତାରିଖ ତିନିଦିନ ବ୍ୟାପୀ ପୂଜ୍ୟ ପ୍ରଣବଦାଙ୍କ ଜନ୍ମୋତ୍ସବ ଉପଲକ୍ଷ୍ୟେ ଶାରୀରିକ ଶିକ୍ଷା ଦିବସ ପାଳନ ଅବସରରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଆଳୀଠାରେ ୧୬ତମ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ଶାରୀରିକ ଶିକ୍ଷା ଓ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

**କେନ୍ଦୁଝର:-** ୬.୧୦.୨୪ରେ ଘସିପୁରାସ୍ଥିତ କେଦାରନାଥ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପ୍ରେମ ଓ ମୃତ୍ୟୁର ଉକ୍ତି- ପ୍ରତ୍ୟୁକ୍ତି" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୧୭.୧୦.୨୪ରେ ବେଲବାହାଳୀସ୍ଥିତ ବିଚିତ୍ର ସାହୁଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ସଳିତା ସାହୁଙ୍କ ଆୟୋଜନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଅଭୀପ୍ସା ଓ ଦିବ୍ୟଚେତନା" ସମ୍ପର୍କରେ ଆଲୋଚନା କରାଯାଇଥିଲା।

**ଜଗତସିଂହପୁର:-** ୨୯.୯.୨୪ରେ ଖେରସସ୍ଥିତ ସୁଧୀର କୁମାର ରାଉତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୨୪ତମ ବାର୍ଷିକୋତ୍ସବ ସୁଦର୍ଶନ ସ୍ୱାଇଁଙ୍କ

ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିକାଶ ରଞ୍ଜନ ପରିଡା, ଜୟସ୍ମିଥ ମହାପାତ୍ର, ଧ୍ରୁବ ଚରଣ ସାହୁ, ଦେବଦତ୍ତ ସାହୁ ଓ ସାବିତ୍ରୀ ତ୍ରିପାଠୀ "ବଞ୍ଚିବାର ଚାରୁକଳା" ସମ୍ପର୍କରେ ଆଲୋଚନା କରିଥିଲେ।

**ଯାଜପୁର:-** ୨୯.୯.୨୪ରେ ଦାନଗଦୀ ଅନ୍ତର୍ଗତ ଶ୍ରୀଅରବିନ୍ଦ ପାଠଚକ୍ର କେନ୍ଦ୍ର, ପୁଷ୍ପାଶ୍ରୀଠାରେ ପଶ୍ଚିମ ଯାଜପୁରର ଶ୍ରୀଅରବିନ୍ଦ ଆଞ୍ଚଳିକ ପାଠଚକ୍ର ସମ୍ମିଳନୀ କୈଳାସ ଚନ୍ଦ୍ର କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ "ଯୋଗ ଓ ଜୀବନ" ସମ୍ପର୍କରେ ଜଗତାନନ୍ଦ ମହାପାତ୍ର ଓ ବନମାଳୀ ଆଚାର୍ଯ୍ୟ ଆଲୋଚନା କରିଥିଲେ ଏବଂ ନିତ୍ୟାନନ୍ଦ ମାଝୀ ବାର୍ଷିକ ବିବରଣୀ ପାଠ କରିଥିଲେ।... ୨.୧୦.୨୪ରେ ବନପୁରଠାରେ ପୂର୍ବ ଯାଜପୁରର ଶ୍ରୀଅରବିନ୍ଦ ଆଞ୍ଚଳିକ ପାଠଚକ୍ର ସମ୍ମିଳନୀ ଲକ୍ଷ୍ମୀକାନ୍ତ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସାଧନାରେ ସମର୍ପଣ" ସମ୍ପର୍କରେ ଅଜୟ କୁମାର ସାମଲ ଆଲୋଚନା କରିଥିଲେ।... ୭.୧୦.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ତରାପୁରଠାରେ ବିଦ୍ୟାଳୟର ଦଶମବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ ଅରୁଣ କୁମାର ସାହୁ ଓ ସସ୍ମିତା ପୋଥାଳଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଆଧ୍ୟାତ୍ମିକତା ଓ ବିଜ୍ଞାନ" ସମ୍ପର୍କରେ କୈଳାସ ଚନ୍ଦ୍ର କୁଅଁର, ବିନୋଦ ବିହାରୀ ସାହୁ ଓ ରଘୁନାଥ ସାହୁ ଆଲୋଚନା କରିଥିଲେ। ୧୮୦ଟି ପ୍ରକଳ୍ପରେ ଆୟୋଜିତ ଉକ୍ତ ପ୍ରଦର୍ଶନୀକୁ କୃଷ୍ଣଚନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ।... ୧୩.୧୦.୨୪ରେ ସପନପୁରସ୍ଥିତ ହୃଷିକେଶ ରାଉତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ବଂଶୀଧର ରାଉତଙ୍କ ସଞ୍ଚୋଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଭିରାମ ଦାସ, ପ୍ରକାଶ କୁମାର ବେହେରା, ଅଜୟ କୁମାର ବାରିକ ଓ ଶତୃଘ୍ନ ବେହେରା "ବାଧାବିଘ୍ନ ଓ ଭଗବତ କୃପା" ସମ୍ପର୍କରେ ଆଲୋଚନା କରିଥିଲେ।... ଅକ୍ଟୋବର ୧୪ ଓ ୧୫ ତାରିଖରେ ମାତୃନିଳୟମ୍, ଛତିଆ ପରିସରରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ସମ୍ମିଳନୀ କୈଳାସ ଚନ୍ଦ୍ର କୁଅଁରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଦେବୀ ସାଇଁଙ୍କ ପରିଚାଳନାରେ "ଦିବ୍ୟ ଯୁଗ ସ୍ଥାପନାରେ ନାରୀ" ସମ୍ପର୍କରେ ଦଳଗତ ଆଲୋଚନା କରାଯାଇଥିଲା। ରମାବର୍ମନ ରାୟଙ୍କ ସଞ୍ଚୋଳନାରେ ଅନୁଷ୍ଠିତ ଉକ୍ତ ସଭାରେ ଧରିତ୍ରୀ ରାଉତ, ରବୀନ୍ଦ୍ରନାଥ ସୂତାର, ସୁଦେବୀ ସାଇଁ, ବନମାଳୀ ଆଚାର୍ଯ୍ୟ ଓ ଉର୍ମିଳା ରାଉତ "ଦିବ୍ୟସମାଜ ଗଠନରେ ନାରୀ" ସମ୍ପର୍କରେ ଆଲୋଚନା

କରିଥିଲେ। ଉକ୍ତ ଦୁଇଦିନିଆ କାର୍ଯ୍ୟକ୍ରମକୁ କହ୍ନେଇ ଚରଣ ପୃଷ୍ଟି ଓ ସଦାଶିବ ନାୟକ ପରିଚାଳନା କରିଥିଲେ।... ୨୨.୧୦.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନାଉପାଳଠାରେ ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବସ୍ମିତା ଦାସ "ବିଜ୍ଞାନ ଓ ଆଧ୍ୟାତ୍ମିକତା" ଓ କୈଳାସ ଚନ୍ଦ୍ର କୁଅଁର, ବନମାଳୀ ଆଚାର୍ଯ୍ୟ, ରବୀନ୍ଦ୍ର ପ୍ରସାଦ ସାମଲ ଓ କହ୍ନେଇ ଚରଣ ପୃଷ୍ଟି "ବସ୍ତୁ ଆତ୍ମାର ଆଲୋକରେ ଉଦ୍‌ଭାସିତ ହେବ" ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ୭ଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ୧୫୦ରୁ ଊର୍ଦ୍ଧ୍ୱରୁ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଚତୁର୍ଭୁଜ ସାହୁ, କୈଳାସ ଚନ୍ଦ୍ର କୁଅଁର, ରବୀନ୍ଦ୍ର ପ୍ରସାଦ ସାମଲ ଓ ଅଜୟ କୁମାର ସାମଲ ପରିଚାଳନା କରିଥିଲେ।

## ନିଷ୍ଠା ମଣ୍ଡଳ

**ନୟାଗଡ଼:-** ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର, ନୂଆ ରାଜବାଟିଠାରେ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏସନ୍ ବିଭାଗ ତରଫରୁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ୧୩ଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ନୋଡାଲ ଶିକ୍ଷକମାନେ ଯୋଗଦାନ କରିଥିଲେ।

## ଶାନ୍ତି ମଣ୍ଡଳ

**ସୁବର୍ଣ୍ଣପୁର:-** ୬.୧୦.୨୪ରେ ଶାନ୍ତିନଗରସ୍ଥିତ ଲିଙ୍ଗରାଜ ତ୍ରିପାଠୀଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ବୈଦିକ ଯୁଗରେ ଆଧ୍ୟାତ୍ମିକତାର ପ୍ରସାରରେ ମୁନିଋଷିମାନଙ୍କର ଭୂମିକା" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୧୨.୧୦.୨୪ରେ ଶ୍ରୀମାତୃଶରଣମ୍ ପାଠଚକ୍ର, ଖୁଣ୍ଟଲାପାଲିର ଅଷ୍ଟାଦଶତମ ବାର୍ଷିକୋତ୍ସବ ସୁଧାଂଶୁ ଶେଖର ଲୁହାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଆତ୍ମଜୀବନ ଗଠନରେ ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା" ସମ୍ପର୍କରେ ଦଳଗତ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଦୀପ ଚନ୍ଦ୍ର ଲୁହା ସ୍ୱାଗତ ଭାଷଣ ଏବଂ ଭାଗିରଥି ଲୁହା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ।... ଅକ୍ଟୋବର ୧୫ ରୁ ୧୭ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ସ୍ୱର୍ଣ୍ଣସେତୁ ଶ୍ରୀଅରବିନ୍ଦ ଯୋଗାଶ୍ରମ, ଚଢ଼େଇଗୁଡିଠାରେ ସାବିତ୍ରୀ ସ୍ୱାଧ୍ୟାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁବାସ କର "ସାବିତ୍ରୀ ଅଧ୍ୟୟନର ଆବଶ୍ୟକତା" ସମ୍ପର୍କରେ ଆଲୋଚନା କରିଥିଲେ।

## ସଙ୍ଗତି ମଣ୍ଡଳ

**ସମ୍ବଲପୁର:-** ୫.୯.୨୪ରେ କୁଚିଣ୍ଡାସ୍ଥିତ

ଜେନା ବାଗ ଓ ମଞ୍ଜୁଶ୍ରୀ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୨୨.୯.୨୪ରେ ମାନେଶ୍ୱର ବ୍ଲକ ଅନ୍ତର୍ଗତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପରମାଣଠାରେ ବ୍ଲକସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।... ସେପ୍ଟେମ୍ବର ୨୭ ଓ ୨୮ ତାରିଖ ଦୁଇଦିନ ଧରି ସମ୍ବଲପୁର ସବ୍‌ଡିଭିଜନର ୧୫ଟି ସ୍କୁଲକୁ ସଦ୍‌ଭାବନା ଯାତ୍ରା କରାଯାଇଥିଲା ।... ୨୫.୯.୨୪ରେ କୁଲୁଣ୍ଡି ପଞ୍ଚାୟତର ଦିନମାଳ, ବନ୍ଧାବାହାଲ ଓ ସାଲେଟିକ୍ରା ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ସେପ୍ଟେମ୍ବର ୨୯ ତାରିଖରେ ରଜାମୁଣ୍ଡା, ଜମନକିରା ଓ ବକ୍‌ସମାଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୨.୧୦.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଗୁରଲାଠାରେ ଆଲୋକ ସେନାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।... ଅକ୍ଟୋବର ୫ ଓ ୬ ତାରିଖ ଦୁଇଦିନଧରି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପଧାନପାଲିଠାରେ ଛାତ୍ର ସମାବେଶ ଓ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।... ୨୦.୧୦.୨୪ରେ କିଣ୍ଡିରାସ୍ଥିତ ନରେନ୍ଦ୍ର ନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।

### ସମତା ମଣ୍ଡଳ

**ସୁନ୍ଦରଗଡ:-** ... ୧.୧୦.୨୪ରେ ବିରମିତ୍ରପୁରଠାରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି ।... ୧୮.୧୦.୨୪ରେ କୋଲାବାହାଲଠାରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ସୁଦାମ ଚରଣ ପଟେଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି ।... ସେପ୍ଟେମ୍ବର ୨୪, ୨୬ ଓ ଅକ୍ଟୋବର ୧, ୩, ୪, ୫, ୭ ଓ ୧୯ ତାରିଖରେ ସର୍ଗିପାଲି ଓ ଦର୍ଲିପାଲିସ୍ଥିତ ମହାବିଦ୍ୟାଳୟ, ବିଲାମଦିହିସ୍ଥିତ ଉଚ୍ଚ ବିଦ୍ୟାଳୟ, ଛତେନପାଲିସ୍ଥିତ ମହାବିଦ୍ୟାଳୟ, ସୁରୁଗୁଡାସ୍ଥିତ ଉଚ୍ଚ ବିଦ୍ୟାଳୟ, ଗମ୍ଭାରିଡିହିସ୍ଥିତ ଉଚ୍ଚ ବିଦ୍ୟାଳୟ, ଉଜଳପୁରସ୍ଥିତ ମହାବିଦ୍ୟାଳୟ ଆଦି ପରିସରରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁଦାମଚରଣ ପଟେଲ "ଶ୍ରୀଅରବିନ୍ଦଙ୍କ ଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ ।... ସେପ୍ଟେମ୍ବର ୨୫, ୩୦, ଅକ୍ଟୋବର ୧, ୨, ୬, ୮ ଓ ୧୦ ତାରିଖରେ ଅଉଁଲାବାହାଲ, ବାଲିଚୁଆଁ, କଅଁରବଗା, ଶ୍ରୀଭୁବନପୁର, ବିଭଲି, ଫଲସାପଡା, ଟାଙ୍ଗୋପଡା, ଦିଆମୁଣ୍ଡା, ବେଲ୍‌ଢିପାଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୧୮.୧୦.୨୪ରେ କାଲୋବାହାଲଠାରେ

ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।

**ଝାରସୁଗୁଡା:-** ୧୬.୧୦.୨୪ରେ କୁକାବିରା ବ୍ଲକସ୍ଥିତ ସମାସିଂହା ଗ୍ରାମର କ୍ରିଷ୍ଣା କାଲୋଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।

### ସମର୍ପଣ ମଣ୍ଡଳ

**କଳାହାଣ୍ଡି:-** ୯.୧୦.୨୪ରେ କେସିଙ୍ଗା ବ୍ଲକ ଅନ୍ତର୍ଗତ ବୋରିଆ କସୁରପଡା ଓ ବନ୍ଧପଡା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କରେ ଅମିତ କୁମାର ସାହୁଙ୍କ ପରିଚାଳନାରେ ଅଗ୍ରଦୂତମାନଙ୍କର ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ଅକ୍ଟୋବର ୧୨ ରୁ ୧୬ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ରାମପୁର, ରୁପ୍ରା, ପରଲ୍‌ସିଙ୍ଗା, ଭବାନୀପାଟଣା, ଜୁନାଗଡ, ଧର୍ମଗଡ ଓ ଗରଗାବଠାରେ ଅଗ୍ରଦୂତମାନଙ୍କ ଶ୍ରୀଅରବିନ୍ଦ ପାଠଚକ୍ର ଅମିତ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି ।... ଅକ୍ଟୋବର ୮ ଓ ୧୭ ତାରିଖରେ ଥୁଆମୁଳାପୁର ଅନ୍ତର୍ଗତ କିଆପଦର ଉଚ୍ଚ ବିଦ୍ୟାଳୟ ଓ ହାତୀଗୋଜଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଡିଗ୍ରୁ ନାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି ।... ୧୮.୧୦.୨୪ରେ ଧର୍ମଗଡ ବ୍ଲକ ଅନ୍ତର୍ଗତ ଖପରାମାଳଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଗୋପୀଚାନ୍ଦ ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି ।... ୧୯.୧୦.୨୪ରେ ଜୁନାଗଡସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ଶ୍ରୀଅରବିନ୍ଦ ପାଠଚକ୍ର ଅମିତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।... ଅକ୍ଟୋବର ୨୫ ରୁ ୨୭ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଭବାନୀପାଟଣାଠାରେ ଜିଲ୍ଲାସ୍ତରୀୟ ଅଗ୍ରଦୂତମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।

**କୋରାପୁଟ:-** ୨୮.୯.୨୪ରେ କୋରାପୁଟ ଜିଲ୍ଲାରେ ଶ୍ରୀଅରବିନ୍ଦ ପାଠଚକ୍ର ଦିବାକର ଲେଙ୍କାଙ୍କ ଅଧ୍ୟକ୍ଷତା ଓ ପ୍ରଭାସିନି ପାଣିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ନୂତନ ଚେତନା ପାଇଁ ଶିକ୍ଷକମାନଙ୍କର ଭୂମିକା" ସମ୍ପର୍କରେ ଅଜୟ କୁମାର ପଲେଇ ଆଲୋଚନା କରିଥିଲେ ଏବଂ ପ୍ରଭାସିନି ପାଣି କୃତଜ୍ଞତା ଜଣାଇଥିଲେ ।... ୨.୧୦.୨୪ରେ କୋରାପୁଟ ଜିଲ୍ଲାର ଦଶକର୍ମଧାରାର କର୍ମୀମାନଙ୍କର ଏକ ସ୍ୱତନ୍ତ୍ର ବୈଠକ ONLINE ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରତାପ କୁମାର ଦେଓ୍ୱାନ ସ୍ୱାଗତ ଭାଷଣ, ପ୍ରଶାନ୍ତ କୁମାର ସ୍ୱାଇଁ "ବର୍ତ୍ତମାନ ଦଶକର୍ମଧାରାରେ ଆମ୍ଭମାନଙ୍କର ଭୂମିକା" ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ସୁଜାତା ପତି କୃତଜ୍ଞତା ଜ୍ଞାପନ କରିଥିଲେ ।...

୧୦.୧୦.୨୪ରେ ଶ୍ରୀଅରବିନ୍ଦ ନଗର ଜାନିଗୁଡାଠାରେ ଶ୍ରୀଅରବିନ୍ଦ ପାଠଚକ୍ରରେ "ନବରାତ୍ରୀ, ନବଦୁର୍ଗା ଓ ପୃଥିବୀରେ ତାଙ୍କର କାର୍ଯ୍ୟକଳାପ" ସମ୍ପର୍କରେ ପ୍ରଶାନ୍ତ କୁମାର ସ୍ୱାଇଁ ଆଲୋଚନା କରିଥିଲେ।... ୧୨.୧୦.୨୪ରେ ବିଜୟା ଦଶମୀ ଅବସରରେ ONLINE ମାଧ୍ୟମରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ଭବେଶ ଚନ୍ଦ୍ର ସାହୁ "ପ୍ରେମ ହିଁ ବିବର୍ତ୍ତନର ମାର୍ଗ" ସମ୍ପର୍କରେ ଆଲୋଚନା କରିଥିଲେ।... ୧୩.୧୦.୨୪ରେ ONLINE ମାଧ୍ୟମରେ ଶୁଭଶ୍ରୀ ସମ୍ପଦା ମିଶ୍ରଙ୍କ ଶ୍ରୀଅରବିନ୍ଦ ପାଠଚକ୍ର ନୀଳମାଧବ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭବେଶ ଚନ୍ଦ୍ର ସାହୁ "ଦିବ୍ୟଶିଶୁମାନଙ୍କ ଦିବ୍ୟ ପ୍ରତିପୋଷଣ" ସମ୍ପର୍କରେ ଆଲୋଚନା କରିଥିଲେ।... ୧୫.୧୦.୨୪ରେ କୋରାପୁଟଠାରେ କମଳାକାନ୍ତ ମହାନ୍ତିଙ୍କ ନୂତନ ହୋଟେଲ୍ ଉଦ୍‌ଘାଟନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ର ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ଯୋଗର ଆଭିମୁଖ୍ୟ", "ବର୍ତ୍ତମାନ ପରିସ୍ଥିତିରେ ଆମର କର୍ତ୍ତବ୍ୟ" ଓ "ଅବଚେତନା ରୂପାନ୍ତରର ରହସ୍ୟ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୧୮.୧୦.୨୪ରେ ପୂଜ୍ୟ ପ୍ରଣବ ଦା'ଙ୍କ ଜନ୍ମଦିବସରେ କୋରାପୁଟ ଜିଲ୍ଲାର ସମସ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କରେ ଶାରୀରିକ ଶିକ୍ଷା ଦିବସ ରୂପରେ ପାଳିତ ହୋଇଯାଇଛି।... ଅକ୍ଟୋବର ୧୯ ଓ ୨୦ ତାରିଖରେ ବୋରିଗୁମ୍ମା ଡାନିଡା ଏବଂ ମାଣିକେଶ୍ୱରୀ ମାର୍ଗଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ଦୀପ୍ତିମୟୀ ରାଉତ ଓ ଗୀତାଞ୍ଜଳି ବେହେରା "ଆମର ଆଗାମୀ ଭବିଷ୍ୟତ ପାଇଁ ଭୂମିକା" ଏବଂ "ଜୀବନର ଲକ୍ଷ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ।... ୨୭.୧୦.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସୁନାବେଡା-୩ ଠାରେ ଜିଲ୍ଲା ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନର ବାର୍ଷିକ କ୍ରୀଡା ଉତ୍ସବ ହରିହର ସାହୁ ଓ ସ୍ୱର୍ଣ୍ଣଲତା ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି।... ୫.୧୦.୨୪ରେ ONLINE ମାଧ୍ୟମରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ବବିତା ପାଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭବେଶ ଚନ୍ଦ୍ର ସାହୁ "ଲକ୍ଷ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ଦିପକ ପ୍ରହରାଜ କୃତଜ୍ଞତା ଜଣାଇଥିଲେ।

**ସମର୍ପଣ ମଣ୍ଡଳସ୍ତରୀୟ କାର୍ଯ୍ୟକ୍ରମ:-** ଅକ୍ଟୋବର ୧୩ ଓ ୧୪ ତାରିଖ ଦୁଇଦିନ ବ୍ୟାପୀ ସମର୍ପଣମଣ୍ଡଳସ୍ତରୀୟ ଶ୍ରୀଅରବିନ୍ଦ ଅଗ୍ରଦୂତ ଛାତ୍ରଛାତ୍ରୀ ପାଠଚକ୍ର ସମ୍ମିଳନୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର,

କୋଟପାଡଠାରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଅନୀଲ କୁମାର ସାମନ୍ତରାଏ ଉପକ୍ରମଣିକା, ସ୍ୱରାଜ ମହାପାତ୍ର "ଶିବିରର ଉଦ୍ଦେଶ୍ୟ", ସଙ୍ଗୀତା ପଟ୍ଟନାୟକ "ସେ ଆଗମନ କରିଛନ୍ତି ଏ ଧରିତ୍ରୀକୁ ତା'ର ଜ୍ୟୋତିର୍ମୟ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବାକୁ ନିର୍ଦ୍ଦେଶ ଦେବା ନିମନ୍ତେ" ଏବଂ ଉପସଂହାର ମିହିର କୁମାର ସେଠୀ ପ୍ରଦାନ କରିଥିଲେ । ଉକ୍ତ ଦୁଇଦିନରେ "ଆଦର୍ଶ ଶିଶୁ" ସମ୍ପର୍କରେ ଦଳଗତ ଆଲୋଚନା ଏବଂ "ଆମର ଭୂମିକା" ସମ୍ପର୍କରେ ମୁକ୍ତ ଆଲୋଚନା କରାଯାଇଥିଲା । ବିଜୟାନନ୍ଦ ପାଣିଗ୍ରାହୀ, ରାଧାକାନ୍ତ ରାଉତ, ସଚ୍ଚିଦାନନ୍ଦ ରଥ, ପ୍ରତାପ କୁମାର ଦେଓ୍ୱାନ ବିଭିନ୍ନ ଅଧିବେଶନରେ କୃତଜ୍ଞତା ପ୍ରଦାନ କରିଥିଲେ । ଏହି ସମ୍ମିଳନୀର ବିଭିନ୍ନ ଅଧିବେଶନକୁ ବିକାଶ ରଞ୍ଜନ ପରିଡା, ସୁରେଶ ମିଶ୍ର ଓ ସ୍ୱରାଜ ମହାପାତ୍ର ପରିଚାଳନା କରିଥିଲେ ।... ଅକ୍ଟୋବର ୧୯ ଓ ୨୦ ତାରିଖ ଦୁଇଦିନ ଧରି ସମର୍ପଣ ମଣ୍ଡଳସ୍ତରୀୟ ପ୍ରଥମ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏସନ୍‌ର ଏକ କର୍ମଶାଳା ଶ୍ରୀଅରବିନ୍ଦ ଭବନ, କୋରାପୁଟଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁରେଶ ମିଶ୍ରଙ୍କ ଦ୍ୱାରା ସ୍ୱାଗତ ଅଭିଭାଷଣ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ, ଡ. ଶ୍ୟାମା କାନୁନଗୋ "କର୍ମଶାଳାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ", ଡ. ମଦନ ମୋହନ ପ୍ରଧାନ "ବ୍ୟକ୍ତି ସଚେତନତା ଓ ଚେତନାର ପରିବର୍ତ୍ତନ", ଡ. ଶ୍ୟାମା କାନୁନଗୋଙ୍କ ଅଧ୍ୟକ୍ଷତାରେ "Scientific preparation for healthy New born" ବିଷୟରେ ପ୍ୟାନେଲ ଡିସ୍‌କସନ୍ କରିଥିଲେ ଡ. ଉତ୍କଳ ନାୟକ, ଡ. ମଦନ ମୋହନ ପ୍ରଧାନ, ଡ. ନିର୍ମାଲ୍ୟ ପ୍ରଧାନ ଓ ଡ. ରମେଶ ବିଶ୍ୱାଳ, "Conscious preparation for a spiritually developed New born" ବିଷୟରେ ଡ. ଶ୍ୟାମା କାନୁନଗୋ, ଡ. ରେଣୁବାଳା ସାମଲ, ଦେବସ୍ମିତା ସାମଲ, ଡ. ରମେଶ ବିଶ୍ୱାଳ, ଡ. ମଦନ ମୋହନ ପ୍ରଧାନ ଏବଂ ନିର୍ମାଲ୍ୟ ପ୍ରଧାନ ଆଲୋଚନା କରିଥିଲେ । ସଂନ୍ଧ୍ୟା ଅଧିବେଶନରେ ସୁରେଶ ମିଶ୍ର, ଇଂ ସନ୍ତୋଷ କୁମାର ଗାହାଣ ଓ ଡ. ମଦନମୋହନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଡ. ନିର୍ମାଲ୍ୟ ପ୍ରଧାନ "Scientific & Spiritual upbringing of new born, Infant & under five" ଏବଂ ସରୋଜ କୁମାର ପାଣିଗ୍ରାହୀ "ସୁମନ ସ୍ୱେଚ୍ଛାସେବୀ ଭାବରେ ଶ୍ରୀଅରବିନ୍ଦ ପାଠଚକ୍ର କର୍ମୀ" ସମ୍ପର୍କରେ ଆଲୋଚନା କରିଥିଲେ । ଦ୍ୱିତୀୟ ଦିବସରେ ଦେବସ୍ମିତା ସାମଲ, ଆଭ କାନୁନଗୋ ଓ ମୀରାମ୍ବିକା ମହାପାତ୍ର "ସ୍ୱାସ୍ଥ୍ୟପ୍ରଦ ଚକ୍ଷୁର ବ୍ୟାୟାମ", ଡ. ଏ.କେ. ସାହୁ

"ସ୍ୱାସ୍ଥ୍ୟପ୍ରଦ ସ୍ଥାନୀୟ ଔଷଧୀୟ ଗୁଳ୍ମଲତା", ଡ. ଶ୍ୟାମା କାନୁନଗୋ "ପୂର୍ଣ୍ଣାଙ୍ଗ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ", ଡ. କବିତା ସ୍ୱାଇଁ, ମୀରାମ୍ବିକା ମହାପାତ୍ର ଓ ସରୋଜ କୁମାର ପାଣିଗ୍ରାହୀ "ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଡ", ବିପିନ ବିହାରୀ କର "Basic Life Support" ସମ୍ପର୍କରେ ଆଲୋଚନା କରିଥିଲେ। ପରିଶେଷରେ ପ୍ରଶାନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ। ଉକ୍ତ କର୍ମଶାଳାରେ ୧୨୫ଜଣ ଶିବିରାର୍ଥୀ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡ. ସୁଶାନ୍ତ କୁମାର ଦାସ, ଡ. ସୁଶାନ୍ତ କୁମାର ସାହୁ, ସଙ୍ଗୀତା ମହାପାତ୍ର ଅଂଶଗ୍ରହଣ କରିଥିଲେ।

**ନବରଙ୍ଗପୁର:-** ୨.୧୦.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ରାଇଘରଠାରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ହରେକୃଷ୍ଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସମର୍ପଣ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୬.୧୦.୨୪ରେ ଅତିମାନସ ଯୋଗାଶ୍ରମ, କୋଡିଙ୍ଗା ପରିସରରେ ଜିଲ୍ଲା ଦଶକର୍ମଧାରା ଅନ୍ତର୍ଗତ ଆଲୋକ ସେନାର ବାର୍ଷିକ ପାଠଚକ୍ର ସମ୍ମିଳନୀ ଅନୀଲ କୁମାର ସାମନ୍ତରାୟଙ୍କ ସଞ୍ଚୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାକେଶ ମଲ୍ଲିକ ସ୍ୱାଗତ ଭାଷଣ, "ଆଦର୍ଶ ଶିଶୁ" ସମ୍ପର୍କରେ ଜିଲ୍ଲାର ବିଭିନ୍ନ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନେ ଆଲୋଚନା କରିଥିଲେ ଏବଂ ସନ୍ତୋଷ କୁମାର ଗାହାଣ ଉପସଂହାର ପ୍ରଦାନ କରିଥିଲେ। ସୁରେଶ ମିଶ୍ର ସାଙ୍ଗଠନିକ ସୂଚନା ଏବଂ ଅଭିମନ୍ୟୁ ଦାସ କୃତଜ୍ଞତା ଅର୍ପଣ କରିଥିଲେ।... ୧୦.୧୦.୨୪ରେ ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଅନଖାବେଡା ଓ ଘଣ୍ଟିଗୁଡାଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଗୌରୀଶଙ୍କର ଡଙ୍ଗ୍ରୀ ଏବଂ ଭୋଳାଶଙ୍କର ସୁନାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି।... ୧୦.୧୦.୨୪ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବି. ମାଳିଗୁଡାଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଗୋପାଳ ମାଝୀଙ୍କ ସଞ୍ଚୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁରେଶ ମିଶ୍ର, ସୁଧୀରାଜ ରାଉତ ଓ ଉମେଶ ଚନ୍ଦ୍ର ମାଝୀ "ପୂର୍ଣ୍ଣାଙ୍ଗ ଶିକ୍ଷାର ଉଦ୍ଦେଶ୍ୟ", "ଶ୍ରୀଅରବିନ୍ଦ ପାଠଚକ୍ରର ଲକ୍ଷ୍ୟ ତଥା ଅଭିଭାବକମାନଙ୍କ ଭୂମିକା" ଓ "ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର" ସମ୍ପର୍କରେ ଆଲୋଚନା କରିଥିଲେ।... ୨୬.୧୦.୨୪ରେ ନବରଙ୍ଗପୁର ପାଠଚକ୍ର କେନ୍ଦ୍ରରେ ସୁଜାତା ମିଶ୍ରଙ୍କ ଆନୁକୂଲ୍ୟରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଅତୀତରୁ ମୁକ୍ତି" ସମ୍ପର୍କରେ ସୁରେଶ ମିଶ୍ର ଆଲୋଚନା କରିଥିଲେ।... ୨୭.୧୦.୨୪ରେ କୋଷାଗୁମୁଡାଠାରେ ଜିଲ୍ଲାସ୍ତରୀୟ

ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସଙ୍ଗୀତା ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ନାରୀର ଯଥାର୍ଥ ଭୂଷଣ" ସମ୍ପର୍କରେ ଦଳଗତ ଆଲୋଚନା ଏବଂ ଉପସଂହାର ସ୍ନିଗ୍ଧାରାଣୀ ଓ ସୁଜାତା ମାଝୀ ପ୍ରଦାନ କରିଥିଲେ ଏବଂ "ଦିବ୍ୟଯୁଗ ସ୍ଥାପନାରେ ନାରୀ" ସମ୍ପର୍କରେ ସୁରେଶ ମିଶ୍ର ଆଲୋଚନା କରିଥିଲେ । ଶେଷରେ ଊର୍ମିଳା ମହାପାତ୍ର କୃତଜ୍ଞତା ଜ୍ଞାପନ କରିଥିଲେ ।

**ମାଲକାନଗିରି:-** ସେପ୍ଟେମ୍ବର ୨୪, ଅକ୍ଟୋବର ୧୩, ୧୫, ୧୮, ୨୨ ଓ ୨୪ ତାରିଖରେ ବାଲିମେଳାସ୍ଥିତ ବିଭିଷଣ ବେନିଆ, ପ୍ରତିମା କଚିମ୍, ବୁଝିଗୁଡାସ୍ଥିତ ଏନ୍. ଭାସ୍କର ରାଓ, ସାନିଲୋଭା ସେଠୀ, ନର୍ସରୀ କଲୋନୀ, ଦୁର୍ଗାସାହିସ୍ଥିତ ନିରଞ୍ଜନ ଖରା, ସୋରୁଲକେଣ୍ଡାସ୍ଥିତ ଦୁର୍ଲେ ପଡିଆମୀ, ବାଲିମେଳାସ୍ଥିତ ଶୁକୁରା ମାଟାମ ଓ ସୁଜାତା ଖରାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରମାନ ଅନୁଷ୍ଠିତ ହୋଇଯାଇଛି ।

**ଚଳିତ ମାସରେ ହେବାକୁ ଥିବା କାର୍ଯ୍ୟକ୍ରମ:**

... ନଭେମ୍ବର ୨ ଓ ୩ ତାରଖ ଦୁଇଦିନ ବ୍ୟାପି ସୁନ୍ଦରଗଡ ଜିଲ୍ଲାର ରାଜଗଙ୍ଗସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ୨୯ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ ଅନୁଷ୍ଠିତ ହେବ । ଏହି ସମ୍ମିଳନୀ ୧୨ ବର୍ଷରୁ ୧୯ ବର୍ଷ ବୟସର ବାଳିକାମାନେ ଅଂଶଗ୍ରହଣ କରିବାକୁ ଅନୁରୋଧ ।

ନଭେମ୍ବର ୧୦ ତାରିଖ ଦିନ ପୁରୀ ଜିଲ୍ଲାର ନିମାପଡାସ୍ଥିତ ସେଉଳ ସାହି, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଶ୍ରୀଅରବିନ୍ଦ ଲିଗାଲ ୟୁନିଟ୍‌ର ପଞ୍ଚଦଶ ରାଜ୍ୟସ୍ତରୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହେବ।... ନଭେମ୍ବର ୯ ଓ ୧୦ ତାରିଖ ଦିନ ମାତୃଭବନ, କଟକଠାରେ ସତ୍ୟଜୋନ୍‌ର ଜୋନାଲ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏସନ୍‌ର ପ୍ରଥମ ସମ୍ମଳନୀ ଅନୁଷ୍ଠିତ ହେବ ।

ନଭେମ୍ବର ୩୦ ଓ ଡିସେମ୍ବର ୧ ତାରିଖରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନିଉକ୍ରିଏସନ୍, କଳିଙ୍ଗନଗରଠାରେ ଆସ୍ଥା ଜୋନସ୍ତରୀୟ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏସନ୍‌ର ପ୍ରଥମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେବ । ଏଥିରେ ସମସ୍ତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଏକ ହେଲଥ୍ ସ୍କ୍ୱାର୍ଡର ଅପାଭାଇ ତଥା ପାଠଚକ୍ର ସଭ୍ୟ ସଭ୍ୟା ଯୋଗଦାନ କରିବାକୁ ଅନୁରୋଧ ।

●

# ବିଶେଷ ଦ୍ରଷ୍ଟବ୍ୟ

ଓଡ଼ିଶାର ସମସ୍ତ ଶ୍ରୀଅରବିନ୍ଦ ପାଠଚକ୍ର, ମହିଳା ପାଠଚକ୍ର, ଯୁବପାଠଚକ୍ର ତଥା ଆଲୋକସେନା ଅପା ଭାଇମାନଙ୍କୁ ବିଶେଷ ଅନୁରୋଧ ଏଇ କେତୋଟି ବିଷୟକୁ ଧ୍ୟାନ ଦେବା ସକାଶେ।

୧. ସମସ୍ତ ପ୍ରଦେଶରେ ଥିବା ଶ୍ରୀଅରବିନ୍ଦ ପାଠଚକ୍ର ଅପାଭାଇ, ଆଲୋକସେନାଙ୍କୁ ସୁମନ ଭଲ୍ୟୁଣ୍ଟିଅର ଭାବରେ ଦାୟିତ୍ୱ ନେବା ସକାଶେ ସ୍ୱାସ୍ଥ୍ୟ ବିଭାଗର ପୂର୍ବତନ ସଚିବ ଶ୍ରୀମତୀ ଶିଳିନୀ ପଣ୍ଡିତ ଏକ ସରକାରୀ ନିର୍ଦ୍ଦେଶନାମାରେ ଅନୁରୋଧ କରିଥିଲେ। ଏହି ଅନୁରୋଧଟି ମାତୃକାର୍ଯ୍ୟ ପାଇଁ ଏକ ସୁବର୍ଣ୍ଣ ସୁଯୋଗ।

ଶ୍ରୀଅରବିନ୍ଦ ପାଠଚକ୍ର କର୍ମୀମାନଙ୍କୁ ନିଜ ଗ୍ରାମମାନଙ୍କୁ ଯାଇ ବିଶେଷ କରି ଗର୍ଭବତୀ ମାଆମାନଙ୍କୁ ଓ ତାଙ୍କର ନବଜାତ ଶିଶୁମାନଙ୍କୁ ସ୍ୱାସ୍ଥ୍ୟ ବିଭାଗର ସୁଯୋଗଗୁଡ଼ିକୁ ଗ୍ରହଣ କରିବାକୁଏକ ସରକାରୀ ପ୍ଲାଟଫର୍ମ ମିଳିଗଲା। ଏହା ଫଳରେ ଆମ ପାଠଚକ୍ରର ଅପାଭାଇମାନେ ଗ୍ରାମବାସୀଙ୍କ ଦ୍ୱାରା ସମ୍ମାନ ପ୍ରାପ୍ତ ହେବେ ଏବଂ ମାତୃକାର୍ଯ୍ୟ ପାଇଁ ସୁଯୋଗ ପାଇବେ।

୨. ଆମ ସମସ୍ତ ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ଓ ଅନ୍ୟାନ୍ୟ ସାହାଯ୍ୟ ଯୋଗାଇ ଦିଆଯିବାର ନିର୍ଦ୍ଦେଶ ମଧ୍ୟ ଅଛି।

ଏଇ ଦୁଇଟି ବିଷୟରେ ଅଫିସିଆଲ ଅର୍ଡରଟି ନେଇ ବାରମ୍ବାର ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ତଥା ସବ୍‌ଡିଭିଜନ, ବ୍ଲକ୍ ସ୍ତରରେ ସ୍ୱାସ୍ଥ୍ୟ ବିଭାଗର କର୍ମୀମାନଙ୍କୁ ଯୋଗାଯୋଗ କରିବାକୁ ହେବ।

୩. ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏସନ ଦ୍ୱାରା ଛପା ଯାଇଥିବା School Health Card -Integrated School Health Programକୁ କାର୍ଯ୍ୟକାରୀ କରାଇବେ। ଏହାଦ୍ୱାରା ଆମ ଶିକ୍ଷାନୁଷ୍ଠାନମାନଙ୍କ ପ୍ରତି ସଦ୍‌ଭାବ ଫେରି ଆସିବ। ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକରେ ପିଲାମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧିପାଇବ ଏବଂ ଅଭିଭାବକଙ୍କୁ ଘରେ ପାଠଚକ୍ର ମଧ୍ୟ ଅନୁଷ୍ଠିତ ହୋଇପାରିବ।

୪. ପ୍ରତି ଗ୍ରୁପ୍‌ରେ ଦୁଇଟି Excell Sheet Post କରାଯାଉଛି। ପ୍ରଥମଟି ହେଉଛି SUMAN VOLUNTEER LIST ଯେଉଁଟି CDMO Officeରେ ଦେଇ Follow up କରିବେ Block ସ୍ତରକୁ ଗଲା କି ନାହିଁ। ଏବଂ ଦ୍ୱିତୀୟଟି ହେଉଛି School Health Card Computer up-load କରିବା ନିମନ୍ତେ। ବିଭିନ୍ନ ପ୍ରକାର ଆର୍ଥିକ ସାହାଯ୍ୟ ସକାଶେ ଏହି data base ବହୁତ ମୂଲ୍ୟବାନ ହୋଇ ଉଠିବ।

ପ୍ରତି ଜୋନ୍, ଜିଲ୍ଲା ଓ ବ୍ଲକ ସଙ୍ଗଠକମାନଙ୍କୁ ବିଶେଷ ଅନୁରୋଧ ଏଇ ବିଷୟରେ ଧ୍ୟାନ ଦେବେ। ଶ୍ରୀ ଗଦାଧର ମିଶ୍ର (ମାମୁଁ) ଏବଂ ଟିମ୍ ଶ୍ରୀ ପ୍ରସାଦ ତ୍ରିପାଠୀ (ବାବୁଲି ଭାଇ) ଓ ଅନ୍ୟମାନେ ସରକାରଙ୍କ ପାଖରେ ଏଇ ଦୁଇଟି ଅନୁରୋଧ କରିଥିଲେ ।

**ଡା: ଶ୍ୟାମା ମିଶ୍ର**

# ପଇଁଚାଳିଶ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ
## ୨୪, ୨୫, ୨୬ ଜାନୁୟାରୀ ୨୦୨୫

ଦିବ୍ୟ ଅଭୀପ୍ସୁ ବନ୍ଧୁଗଣ,

ଦିବ୍ୟ ଜନନୀଙ୍କ ଅପାର କରୁଣାରୁ ପଇଁଚାଳିଶ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ଆସନ୍ତା ଜାନୁୟାରୀ ୨୦୨୫ ମସିହା ତା. ୨୪, ୨୫, ୨୬ ରିଖ ତିନି ଦିନ ଧରି ନୂଆପଡ଼ା ଜିଲ୍ଲାର କୋମନାଠାରେ ଅନୁଷ୍ଠିତ ହେବା ପାଇଁ ସ୍ଥିରିକୃତ ହୋଇଛି। ଏପରି ଏକ ବିରାଟ ରାଜ୍ୟସ୍ତରୀୟ ଆଧ୍ୟାତ୍ମିକ ସମ୍ମିଳନୀ ଅନୁଷ୍ଠିତ କରିବାର ସୁଯୋଗ ପାଇ ଆମ୍ଭେମାନେ ନିଜକୁ ଧନ୍ୟ ମନେକରୁଛୁ ତଥା ଦିବ୍ୟ ଜନନୀଙ୍କ କରୁଣାକୁ ଗ୍ରହଣ କରି ତୀବ୍ର ଅଭୀପ୍ସା ସହ ନିଜକୁ ପ୍ରସ୍ତୁତ କରିଚାଲୁଛୁ।

ବାବାଜି ମହାରାଜ କୁହନ୍ତି, "ପ୍ରତ୍ୟେକ ବ୍ୟକ୍ତି ଯାହା ଚାହାନ୍ତି ତାହା ହିଁ ଯଥାର୍ଥ ଜୀବନର ଲକ୍ଷ୍ୟ। ସେହି ଲକ୍ଷ୍ୟ ପ୍ରାପ୍ତିର ସମୟ ଆସିଯାଇଛି। ସଂସାରରେ ଜଣେ ବ୍ୟକ୍ତିକୁ ମଧ୍ୟ ବାଦ ନଦେଇ ସମସ୍ତ ବ୍ୟକ୍ତି ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଓ ଦୁଃଖ କଷ୍ଟରୁ ମୁକ୍ତି ଚାହାଁନ୍ତି। ଏହା ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ।"

ଏହି କାର୍ଯ୍ୟରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନେ ହିଁ ଭଗବାନଙ୍କ ଯନ୍ତ୍ର ଭାବରେ ଯଥାର୍ଥ ମାତୃତ୍ୱର ଅଧିକାରିଣୀ ହୋଇ ନୂତନ ସୃଷ୍ଟିକୁ ଭୂମିଷ୍ଠ କରିବାରେ ସାହାଯ୍ୟ କରିବେ। ମହିଳାମାନଙ୍କ ହୃଦୟ ସରଳ ଓ ଗ୍ରହଣଶୀଳ। ସେମାନେ ଶ୍ରୀଅରବିନ୍ଦଙ୍କ ଯୋଗକୁ ସହଜରେ ଗ୍ରହଣ କରିପାରିବେ। ନାରୀମାନେ ପରିବାରର କେନ୍ଦ୍ରବିନ୍ଦୁ। "ମଣିଷମାନଙ୍କ ମଧ୍ୟରୁ ନାରୀହିଁ ପ୍ରଥମେ ଏହି ବୃହତ, ସୁମହତ ପରିବର୍ତ୍ତନକୁ ଉପଲବ୍ଧି କରିବା ଆବଶ୍ୟକ। କାରଣ ପୃଥିବୀ ପୃଷ୍ଠରେ ନୂତନ ମାନବ ଜାତି ସ୍ଥାପନାରେ ପ୍ରଥମ ନମୁନାମାନଙ୍କୁ ଜନ୍ମ ଦେବା କାର୍ଯ୍ୟଟି ନାରୀ ଉପରେହିଁ ନ୍ୟସ୍ତ କରାଯାଇଛି।" ଏଣୁ ମହିଳା ପାଠଚକ୍ର ସମ୍ମିଳନୀର ଆୟୋଜନ ଓ ଯୋଗଦାନ - ନୂତନ ସମାଜ ଓ ନୂତନ ଜାତି ପ୍ରତିଷ୍ଠା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଛି। ବିଶେଷତଃ ଏକ ଦିବ୍ୟ ବାତାବରଣ ସୃଷ୍ଟି ହେବ। କ୍ରମେ ସେହି ଅଞ୍ଚଳ, ରାଜ୍ୟ, ଦେଶ ଓ ଜଗତରେ ପରିବ୍ୟାପ୍ତ ହୋଇ ଦିବ୍ୟ ଆନନ୍ଦ, ଦିବ୍ୟ ଜ୍ଞାନ ଓ ଦିବ୍ୟ ପ୍ରେମର ଅମୃତ ଧାରା ସହ ଦିବ୍ୟ ଜୀବନ ପ୍ରତିଷ୍ଠା ଲାଭ କରିବ।

ନୂଆପଡ଼ା ଓଡ଼ିଶାର ଏକ ଉପାନ୍ତ ଅଞ୍ଚଳ ଏବଂ କୋମନାଠରେ ପ୍ରଥମକରି ଆମ୍ଭେମାନେ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ କରିବା ନିମନ୍ତେ ଆସ୍ପୃହା କରୁଅଛୁ। ସେଥିପାଇଁ ଆପଣମାନଙ୍କର ସମସ୍ତ ପ୍ରକାର ସହଯୋଗ କାମନା କରୁଅଛୁ।

ଓଡ଼ିଶାର ଶ୍ରୀଅରବିନ୍ଦ ମହିଳା ପାଠଚକ୍ର, ଶ୍ରୀଅରବିନ୍ଦ ପାଠଚକ୍ର ତଥା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମସ୍ତ ଅପା/ଭାଇମାନଙ୍କୁ ଏଥିରେ ବହୁତ ସଂଖ୍ୟାରେ ଯୋଗଦେବାକୁ ଅନୁରୋଧ। ୩ଦିନ ପାଇଁ ପ୍ରତିନିଧି ଚାନ୍ଦା ୨୫ ଟଙ୍କା ମାତ୍ର ଧାର୍ଯ୍ୟ କରାଯାଇଛି।
ଦୟାକରି ଶୀତବସ୍ତ୍ର ସାଙ୍ଗରେ ଆଣିବେ ଏବଂ ସାନପିଲାମାନଙ୍କୁ ସାଙ୍ଗରେ ଆଣିବେ ନାହିଁ।

ଆପଣଙ୍କର

ଶ୍ରୀଅରବିନ୍ଦ ମହିଳା ପାଠଚକ୍ର
କୋମନା, ନୂଆପଡା ଜିଲ୍ଲା

**THE MATRUBHABAN PATRA**

**Date of Publication 19.11..2024** **NOVEMBER 2024**

RNI Regn. No. 65218/91 Registered OR/CK (C) -22/2024-26

# ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ

## ମାତୃବିହାର, ଖଣ୍ଡଗିରି, ଭୁବନେଶ୍ୱର

## ଡିସେମ୍ବର ୯, ୧୦, ୧୧- ୨୦୨୪

ପ୍ରିୟ ମହାଶୟ/ମହାଶୟା,

ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରେ ଶ୍ରୀଅରବିନ୍ଦ ସଂସ୍କୃତି ସଂସଦ ଆନୁକୂଲ୍ୟରେ ଖଣ୍ଡଗିରିସ୍ଥିତ ମାତୃବିହାର ପରିସରରେ ଏକତ୍ରିଂଶ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ମହାସମାଧି ଦିବସ ଆସନ୍ତା ଡିସେମ୍ବର ୯ତାରିଖ ଠାରୁ ଆରମ୍ଭ ହୋଇ ୧୧ତାରିଖ ପର୍ଯ୍ୟନ୍ତ ତିନି ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଓଡ଼ିଶାର ବିଶିଷ୍ଟ ବକ୍ତାବୃନ୍ଦ ସମ୍ମିଳନୀରେ ଉଦ୍‌ବୋଧନ ଦେବାପାଇଁ ସ୍ୱୀକୃତି ଦେଇଛନ୍ତି। ଏହି ସମ୍ମିଳନୀ ୯ତାରିଖ ଅପରାହ୍ଣ ୫ଟା ସମୟରେ ଉଦ୍‌ଘାଟିତ ହୋଇ ୧୧ତାରିଖ ରାତ୍ରି ୮.୩୦ସୁଦ୍ଧା ଶେଷ ହେବ। ଏଥିରେ ଯୋଗ ଦେବା ନିମନ୍ତେ ପ୍ରତିନିଧି ଦେୟ ୫୦ଟଙ୍କା ମାତ୍ର ଧାର୍ଯ୍ୟ କରାଯାଇଅଛି। ଆପଣଙ୍କ ପାଠଚକ୍ର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତଥା ଆପଣଙ୍କ ନିକଟସ୍ଥ ପାଠଚକ୍ରର ସମସ୍ତ ଭାଇଭଉଣୀମାନଙ୍କୁ ଏଥିରେ ଯୋଗଦେବା ନିମନ୍ତେ ବିନମ୍ର ଅନୁରୋଧ କରୁଅଛୁ।

ଆପଣମାନଙ୍କ ପାଠଚକ୍ରରୁ ଆସୁଥିବା ପ୍ରତିନିଧିମାନଙ୍କର ନାମ ତାଲିକା ଯଥାଶୀଘ୍ର ଜଣାଇବାକୁ ଅନୁରୋଧ। ଏହି ସମ୍ମିଳନୀ ସମ୍ପର୍କରେ ଅଧିକ ଜାଣିବାକୁ ଇଚ୍ଛାକଲେ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ।

ବିନୀତ

**ଡ: ପ୍ରଫୁଲ୍ଲ କୁମାର ମିଶ୍ର**

ସଭାପତି

ଶ୍ରୀଅରବିନ୍ଦ ସଂସ୍କୃତି ସଂସଦ ଟ୍ରଷ୍ଟି

ଭୁବନେଶ୍ୱର - ୭୫୧୦୩୦

ଟେଲିଫୋନ ନଂ: ୮୭୬୩୧୨୪୦୨୨, ୯୪୩୭୨୧୩୧୫୫,୯୨୩୮୫୬୬୦୭୦୭

**ପ୍ରତିଷ୍ଠାତା - ଗଦାଧର ମିଶ୍ର** **ପରିଚାଳନା - ପ୍ରସାଦ**

Printed, Published & Edited by Dr. Shyama Kanungo on behalf of the Matrubhaban Trust & Printed at Graphic Art Offset Press, Nuapatna, Cuttack-1 & Published at Matrubhaban, Sri Aurobindo Marg, Cuttack - 753013.

E-mail : matrubhaban@gmail.com Please visit us at : www.motherorissa.com